# ଶେଷ ଦିନରେ ଜମିଲା ବିଜେଡି ବ୍ରହ୍ମପୁର ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର



**ବ୍ରହ୍ମପୁର,୧୧।୫(ସମିସ):** ଶନିବାର ଶେଷ ହୋଇଛି ନିର୍ବାଚନ ପ୍ରଚାର। ଏହାକୁ ଦୃଷ୍ଟିରେ ରଖି ଦିନ ତମାମ ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ନିଜ ଶତାଧିକ ସମର୍ଥକଙ୍କୁ ନେଇ ଜୋରଦାର କରିଥିଲେ। ଶନିବାର ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨୦ନମ୍ବର ୱାର୍ଡର ବିଭିନ୍ନ ସାହି ବୁଲି ନିଜ ପ୍ରଚାର କରିଥିଲେ। ଚଳିତ ମାସ ୧୩ତାରିଖରେ ହେବାକୁ ଥିବା ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବ୍ରହ୍ମପୁର ବିଧାୟକ ଭାବେ ନିର୍ବାଚିତ କରିବାକୁ ଲୋକଙ୍କୁ ଅନୁରୋଧ କରୁଥିଲେ। ସେହିପରି ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ଶଙ୍ଖ ଚିହ୍ନରେ ଭୋଟ ଦେବା ନିମନ୍ତେ ଡ଼ା. ପଟ୍ଟନାୟକ ଭୋଟ ଭିକ୍ଷା କରିଥିଲେ। ପ୍ରଚାର ବେଳେ କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମେୟର ସଂଘମିତ୍ରା ଦଳେଇ, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ବିଜେଡି ନେତା ଭୀମସେନ ଦଳେଇ, କର୍ପୋରେଟ ରଞ୍ଜିତା ବେହେରା, ମମତା ବିଷୋୟୀ, ସଂଯୁକ୍ତା ସାମଲ, ଏମ. ସୁଜାତା, ଦେବକୀ ରେଡ୍ଡୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ଦୁର୍ଗା ପାଢୀ, ଭବାନୀ ମହାନ୍ତି, ରବି ପଟ୍ଟନାୟକ, ଜ୍ୟୋତି ରେଡ଼ୀ, ମହେଶ ଦେବକୀ ରେଡ଼ୀଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ରାମଚନ୍ଦ୍ରପୁର ପଞ୍ଚାୟତରେ ବିଜେଡିର ପ୍ରଚାର, ଶ୍ରୀରୂପଙ୍କୁ ବିପୁଳ ଜନ ସମର୍ଥନ



**ବ୍ରହ୍ମପୁର,୧୧।୫(ସମିସ):** ଚିକିଟୀ ନିର୍ବାଚନ ମଣ୍ଡଳୀ ଚିକିଟୀ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେବ ଜୋରଦାର ପ୍ରଚାର କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟ ନନ୍ଦ ଶ୍ରୀରୁପ ଦେବ, ମନ୍ତ୍ରୀ ଉଷାଦେବୀ ଓ ଅନ୍ୟ ବରିଷ୍ଠ ନେତାମାନେ ପ୍ରଥମେ ରାମଗୁଡା ଗ୍ରାମରେ ପହଂଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହା ପରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହିତ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ପରେ ଲାୱାଡି, ଚାନ୍ଦପୁର, ଆମ୍ବଗାଁ, ଜଗମୋହନପୁର, ଓଲପୁର, ରାମପୁର, ବାହିନୀପତି, ବଡ଼ ପଲଙ୍କ, ତେନ୍ତୁଳିଆ, ମୁକତାପୁର, ଖୋଦ୍ଦାର, ଡାଳ ପଲଙ୍କ, ବଗଡ଼ ପଲ୍ଲୀ, ରାମଚନ୍ଦ୍ରପୁର, ଖଜୁରିଆ, ଗୋପୀନାଥପୁର, ଖୁସାବାଡ଼ି, ଧାନଘର ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ ଭିକ୍ଷା କରିବା ସହ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ଓ ବିକାଶର ଚିଠା ପାଠ କରି ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେବ ଓ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ ମନ୍ତ୍ରୀ ଉଷାଦେବୀ। ଏହି ପ୍ରଚାର ବେଳେ ସ୍ଥାନୀୟ ସରପଞ୍ଚ ଜି ଜ୍ୟୋତି ରେଡ୍ଡୀ, ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ବରିଷ୍ଠ ସଂଗଠକ ସୁରେନ୍ଦ୍ର ମଣ୍ଡଳ, ଉମା ରେଡ୍ଡୀ, ପ୍ରମୁଖଙ୍କ ସମେତ ଶହ ଶହ ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେବ ଓ ମନ୍ତ୍ରୀ ଉଷାଦେବୀ ଘରକୁ ଘର ବୁଲି ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ଙ୍କ ଲାଗି ଭୋଟ ଭିକ୍ଷା କରିଥିଲେ।

## ଟାଇଲ୍ସ ମିସ୍ତ୍ରୀଙ୍କ ଟଙ୍କା ଓ ମୋବାଇଲ୍ ଚୋରି

**ବ୍ରହ୍ମପୁର,୧୧।୫(ସମିସ):** ସିଦ୍ଧାର୍ଥନଗର ୩ୟ ଲାଇନଠାରେ ଥିବା ଏକ ନିର୍ମାଣାଧୀନ କୋଠା ଘରୁ ଜଣେ ଟାଇଲ୍ସ ମିସ୍ତ୍ରୀଙ୍କ ନଗଦ ୧୫ହଜାର ଟଙ୍କା ଓ ୨ଟି ଦାମି ମୋବାଇଲ ଚୋରି ହୋଇଯାଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ସୂଚନାପ୍ରକାରେ, ପାଟପୁର ଥାନା ଅନ୍ତର୍ଗତ ପଳାଶପଲ୍ଲୀର ସନ୍ତୋଷ କୁମାର ସାହୁ ଟାଇଲ୍ସ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସିଦ୍ଧାର୍ଥନଗର ୩ୟ ଲାଇନରେ ଜଣେ ବ୍ୟକ୍ତିଙ୍କ ଘର କାର୍ଯ୍ୟରେ ସେ ନିୟୋଜିତ ଥିବାରୁ ସେହି ଅର୍ଦ୍ଧନିର୍ମିତ ଘରେ କିଛି ଦିନ ହେବ ରହି ଆସୁଛନ୍ତି। ଗତକାଲି ସନ୍ତୋଷ ଖାଇ ସାରି ଉକ୍ତ ଘରର ଛାତ ଉପରେ ଶୋଇଥିଲେ। ରାତି ଅଧରେ କୌଣସି ଦୁର୍ବୃତ୍ତ ସନ୍ତୋଷଙ୍କ ନିକଟକୁ ଯାଇ ୨ଟି ମୋବାଇଲ ଚୋରି କରିବା ସହ ସନ୍ତୋଷଙ୍କ ବ୍ୟାଗରେ ଥିବା ନଗଦ ୧୫ହଜାର ଟଙ୍କା ଚୋରି କରି ନେଇ ଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୧।୫(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରେ ୱାଇଏସଡ଼ି, ଅରୁଣା, ଇସାରା ଓଜିପିଏସଏସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଗରିକମାନଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଚଳିତମାସ ୧୩ତାରିଖରେ ସମସ୍ତଙ୍କୁ ଭୋଟ ନିଶ୍ଚୟ ଦେବାକୁ କୁହାଯାଇଥିଲା। ବିଶେଷକରି ଭୋଟରମାନଙ୍କୁ ଭୋଟର ତାଲିକାରେ ନିଜର ନାମ ସୁନିଶ୍ଚିତ କରାଇବା, ନିଜର ମତଦାନ କେନ୍ଦ୍ର ଚିହ୍ନଟ କରିବା, ମତଦାନର ସମୟ, ବୁଥକୁ ଯିବା ସମୟରେ ଆବଶ୍ୟକ କାଗଜ ପତ୍ର, ଇଭିଏମରେ ନିଜର ପସନ୍ଦର ପାର୍ଥୀଙ୍କୁ କେମିତି ଭୋଟ ଦିଆଯିବ ଓ ନିଜ ପରିବାର, ବନ୍ଧୁ ଓ ସାଙ୍ଗ ସାଥିମାନଙ୍କୁ ଭୋଟଦାନ କରିବା ପାଇଁ ଉତ୍ସାହିତ କରିବା ପାଇଁ ସଚେତନ କରାଯାଇଥିଲା। ପ୍ରଥମଥର ଭୋଟ ଦେବାକୁ ଯାଉଥିବା ଯୁବକ ଓ ଯୁବତୀମାନଙ୍କୁ ପୋଲିଂ ପ୍ରକ୍ରିୟା ଉପରେ ସଚେତନ କରିଯାଇଥିଲା। ଏ ଅବସରରେ ସ୍ୱେଚ୍ଛାସେବୀମାନେ ଏକ ପୋଷ୍ଟର ଓ ଦସ୍ତଖତ ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଭୁ ପ୍ରସାଦ ସାହୁ, ଅରୁଣା ଅନୁଷ୍ଠାନର ପ୍ରତିଷ୍ଠାତା ଲୋକନାଥ ମିଶ୍ର, ଜିପିଏସଏସ ଅନୁଷ୍ଠାନର ପ୍ରତିଷ୍ଠାତା ବୃନ୍ଦାବନ ପଣ୍ଡା ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ମା'ଙ୍କ ଲାଗି ସତ୍ୟଙ୍କ ବାଲୁକା କଳା

**ବ୍ରହ୍ମପୁର,୧୧।୫(ସମିସ):** ବିଶ୍ୱ ମାତୃ ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଏକ ନିଆରା କଳାକୃତି ଦେଖିବାକୁ ମିଳିଛି। ଶ୍ରୀ ମହାରଣା ପୁରୁଣା ୭୩୮ଟି ଟଙ୍କାରେ ମା' ଓ ଶିଶୁଙ୍କ ଏକ ସୁନ୍ଦର ପ୍ରତିକୃତି ତିଆରି କରିଛନ୍ତି। ଇଂରେଜୀ ଭାଷାରେ "ହେପି ମଦର୍ସ ଡେ' ଲେଖିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ ଅନେକ ବ୍ୟକ୍ତି ଟଙ୍କା ସହ ମା' ଓ ବାପାଙ୍କୁ ତୁଳନା କରି ନିଜ ପିତା ମାତାଙ୍କୁ ବୃଦ୍ଧା ଆଶ୍ରମକୁ ପଠାଇ ଦେଉଛନ୍ତି। ଏ ବିଷୟରେ ସଚେତନ କରିବା ଲାଗି ସେ ଏଭଳି କଳାକୃତି ନିର୍ମାଣ କରିଛନ୍ତି। ଏଭଳି ପ୍ରତିକ୍ରିତିକୁ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେବା ଏବଂ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା ହୋଇଛି। ଅନ୍ୟପକ୍ଷରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତିକୃତି ନିର୍ମାଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।



## ୭୦ କିଲୋ ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

**ବ୍ରହ୍ମପୁର,୧୧।୫(ସମିସ):** ଅବକାରୀ ଗୁଇନ୍ଦା ବିଭାଗ ଶୁକ୍ରବାର ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁରରେ ଏକ ଗଞ୍ଜେଇ ଭର୍ତ୍ତିକାର ଜବତ କରି ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ବାଲେଶ୍ୱର ସିଙ୍ଗଳା ଥାନା ଜମାଲପୁର ଗାଁର ସରୋଜ କୁମାର ମିଶ୍ର (୩୨)। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଦକ୍ଷିଣାଞ୍ଚଳ ଡେପୁଟି କମିଶନର ଡମ୍ବୁରୁ ଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଗୁଇନ୍ଦା ଡିଏସଇ ସ୍ନେହଲତା ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠିତ ହୋଇଥିଲା। ସବ ଇନ୍ସପେକ୍ଟର ଅଜିତ ନାୟକ ଓ ତାଙ୍କ ଟିମ ଆଙ୍କୁଶପୁର ଛକରେ ଯାନବାହନ ଯାଞ୍ଚ କରୁଥିଲେ। ବ୍ରହ୍ମପୁର ଅଭିମୁଖେ ଆସୁଥିବା କାର ନଂ.ଓଆର୦୨ ବିପି ୫୫୧୭କୁ ଅଟକାଇ ଯାଞ୍ଚ କରାଯାଇଥିଲା। କାର ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା। ସେଥିରୁ ୭୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଚାଲାଣକାରୀ ସରୋଜଙ୍କୁ ଜେରା ବେଳେ ଉକ୍ତ ଗଞ୍ଜେଇ କନ୍ଧମାଳରୁ ଆଣି ବ୍ରହ୍ମପୁର ଦେଇ ବାଲେଶ୍ୱର ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଥିଲେ। ଜବତ ଗଞ୍ଜେଇ ଓ କାରର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଗୋଇନ୍ଦା ଡିଏସଇ ସ୍ନେହଲତା ନାୟକ ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ସବ ଇନ୍ସପେକ୍ଟର ଅଜିତ କୁମାର ନାୟକ, ଏସଏସଆଇ ବସନ୍ତ ବାରିକ, କପିଳାସ ଭତ୍ରା, କୁମୁଦ ପ୍ରଧାନ, ସନ୍ତୋଷ ନାୟକ, ବଳରାମ ସ୍ୱାଇଁ, ବଳରାମ ଜେନା, ସୁଶାନ୍ତ ପାତ୍ର ,ସରୋଜ ସ୍ୱାଇଁ ଓ ସୀତାରାଣୀ ମୁର୍ମୁ।

● ଗଞ୍ଜାମରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୭୧୧ଟି ମାମଲାର ହେଲା ସମାଧାନ



**ବ୍ରହ୍ମପୁର,୧୧।୫(ସମିସ):** ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶାନୁସାରେ ଓଡିଶା ପ୍ରାଧିକରଣ ସହଯୋଗରେ ଶନିବାର ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରୂପଶ୍ରୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ୪ଟି ବେଞ୍ଚରେ ମୋଟ ୨୭୧୧ଟି ବିଭିନ୍ନ ମାମଲା ସମାଧାନ କରାଯାଇ ୫କୋଟି ୨୨ଲକ୍ଷ ୬୫ହଜାର ୭୭ଟଙ୍କା ପ୍ରଦାନ ପାଇଁ ଆଦେଶ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଆଇନସେବା ପ୍ରାଧିକାରଣଙ୍କ ନିର୍ଦ୍ଦେଶ ପ୍ରକାରେ ଓ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ସହଯୋଗରେ ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୩୭ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ବୁଝାବଣା ମାଧ୍ୟମରେ ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୨କୋଟି ୬୨ଲକ୍ଷ ୫ହାଜର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ୪୦ଟି ଚେକ ବାଉନ୍ସ ମାମଲାର ବିଚାରଣା କରାଯାଇ ୧କୋଟି ୧୧ ଲକ୍ଷ ୫୬ହଜାର ୫୬୩ ଟଙ୍କା ପୁନଃରୁଦ୍ଧାର କରାଯାଇଥିଲା। ସେହିପରି ୨୯ଟି ବିବାହ ସମ୍ପର୍କିତ ମାମଲାର ଆପୋସ ବୁଝାବଣା କରାଯାଇଥିଲା। ଏଠାରେ ଏହି ଦମ୍ପତିମାନେ ପୁଣି ଥରେ ନିଜର ବୈବାହିକ ଜୀବନ ସୁଚାରରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ। ୧୭୪ଟି ବ୍ୟାଙ୍କ ଲିଟିଗେସନ କେସର ସମାଧାନ ହୋଇ ୧କୋଟି ୩୮ ଲକ୍ଷ ୪ ହଜାର ୯୦୬ ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ୨୯ଟି ଦେୱାନୀ ମାମଲାର ସମାଧାନ ହୋଇ ୪ଲକ୍ଷ ୫୭ ହଜାର ୭୭୭ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ୫୬୬ଗୋଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ବୁଝାବଣା କରାଯାଇଛି। ସେହିପରି ୪୫ଟି କ୍ରିମିନାଲ କମ୍ପାଉଣ୍ଡବେଲ କେସର ସମାଧାନ କରାଯାଇଛି। ୧୭୮୦ରେଭେନ୍ୟୁ କେସର ସମାଧାନ ବିଭିନ୍ନ ରେଭେନ୍ୟୁ ଅଦାଲତରେ ସମାଧାନ ହୋଇ ମୋଟ ୯୮ହଜାର ୩୩୧ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଜଜ ରୂପଶ୍ରୀ ଚୌଧୁରୀ, ଦ୍ୱିତୀୟ ଏମଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)- ୧ ଡା. ଇନ୍ଦୁ ଶର୍ମା, ଏଡିଜେ-୨ ଆୟୁସ୍ମାନ ମହନ୍ତ, ଏଡିଜେ- ୩ ରାଜ କୁମାର ଦାଶ ପ୍ରମୁଖ ମାମଲାର ସମାଧାନ ଅଂଶଗ୍ରହଣ କରିଥିଲେ। ଡ଼ିଏଲଏସଏ ସଚିବ ତଥା ସିଭିଲ ରେଜିଷ୍ଟ୍ରର ଡ଼ ପ୍ରଦୀପ କୁମାର ପ୍ରଧାନ ଓ ସମ୍ପାଦିକା ଦେବଶ୍ରୀ ସାହୁ ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ଜଜ କୋର୍ଟର ସମସ୍ତ ବିଚାରପତି ଏବଂ ଆଇନଜୀବୀ ଅଂଶଗ୍ରହଣ କରିଥିଲେ।





**ନିର୍ବାଚନ ଆଚରଣବିଧିର ଉଲ୍ଲଘଂନ:** ପ୍ରଶାସନକୁ ଚ୍ୟାଲେଞ୍ଜ କରି ସରକାରୀ ଅଫିସ୍ ଆଗରେ ବିଜେପି ପୋଷ୍ଟର ଲଗାଇଥିବା ଅଭିଯୋଗ

ଔଷଧ ଦୋକାନ ହଟାଇବା ନୋଟିସକୁ ପୁରିଲା ୧୫ଦିନ

## କୌଣସି ସମୟରେ ହୋଇପାରେ ସିଲ୍

**ବ୍ରହ୍ମପୁର,୧୧।୫(ସମିସ):** ରାଜ୍ୟର ବିଭିନ୍ନ ମେଡିକାଲ ଓ ମେଡିକାଲ କଲେଜ ପରିସରରେ ଥିବା ଘରୋଇ ଔଷଧ ଦୋକାନକୁ ହଟାଇବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଯାହାକୁ ଆଧାର କରି ଏମକେସିଜି ମେଡିକାଲ ଅଧୀକ୍ଷକ ମେଡିକାଲ ପରିସରରେ ଥିବା ୩ଟି ଘରୋଇ ଔଷଧ ଦୋକାନକୁ ବନ୍ଦ କରିବାକୁ ଗତ ଏପ୍ରିଲ

- ଏମକେସିଜି ପରିସରରୁ ଔଷଧ ଦୋକାନ ହଟିବା ପ୍ରସଙ୍ଗ
- ମାଜିଷ୍ଟ୍ରେଟ ଓ ପୁଲିସ ଫୋର୍ସର ସହାୟତା ଲୋଡିଲେ ମେଡିକାଲ୍ କର୍ତ୍ତୃପକ୍ଷ




୨୬ତାରିଖରେ ନୋଟିସ ଜାରି କରିଥିଲେ। ୧୫ଦିନ ଅର୍ଥାତ ମେ ୧୧ତାରିଖ ସୁଦ୍ଧା ଦୋକାନ ଖାଲି କରିବାକୁ ନୋଟିସରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ତେବେ ନିର୍ଦ୍ଧାରିତ ଅବଧି ଶେଷ ହୋଇଯାଇଥିଲେ ହେଁ ଗୋଟିଏ ମଧ୍ୟ ଔଷଧ ଦୋକାନ ଖାଲି କରିନଥିବା ଦେଖିବାକୁ ମିଳିଛି। ଏଭଳି କ୍ଷେତ୍ରରେ ମେଡିକାଲ କତୃପକ୍ଷ ଉକ୍ତ ଔଷଧ ଦୋକାନ ଗୁଡ଼ିକୁ ସିଲ କରିବାକୁ ନିଷ୍ପତି ନେଇଛନ୍ତି। ଏଥି ନିମନ୍ତେ ଆବଶ୍ୟକ ହେଉଥିବା ମାଜିଷ୍ଟ୍ରେଟ ଓ ପୁଲିସ ଫୋର୍ସ ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଫଳରେ ରବିବାର ଠାରୁ ଯେକୌଣସି ମୁହୂର୍ତ୍ତରେ ମେଡିକାଲ ପରିସରରେ ଥିବା ସମସ୍ତ ୩ଟି ଯାକ ଘରୋଇ ଔଷଧ ଦୋକାନକୁ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ କରାଯିବ ବୋଲି ସୂଚନା ମିଳିଛି। ସେହିପରି ମେଡିକାଲ ପରିସରରେ ଥିବା ସମସ୍ତ ଔଷଧ ଦୋକାନର ମାଲିକମାନେ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଏମକେସିଜି ମେଡିକାଲ କଲେଜର ସ୍ୱାସ୍ଥ୍ୟ ବିକାଶ ସମିତି(ଏସବିଏସ)କୁ ପ୍ରଦାନ କରୁଥିଲେ। ଚୁକ୍ତିନାମା ଅନୁଯାୟୀ ପ୍ରତିବର୍ଷ ଶତକଡା ୩୦ଭାଗ ଭଡା ଟଙ୍କା ବୃଦ୍ଧି ନିମନ୍ତେ ମଧ୍ୟ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୮ ମସିହାରେ ଔଷଧ ଦୋକାନ ମାଲିକମାନେ ଶେଷଥର ପାଇଁ ଔଷଧ ଦୋକାନ ପିଛା ପ୍ରାୟ ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ଏହାପରେ ମାମଲା ବିଚାରାଧୀନ ରହିଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟଙ୍କା ଆଦାୟ କରାଯାଇନାହିଁ। ଇତି ମଧ୍ୟରେ ଦିର୍ଘ ୬ବର୍ଷ ବିତିଯାଇଥିବା ବେଳେ ସ୍ୱାସ୍ଥ୍ୟ ବିକାଶ ସମିତିକୁ ବକେୟା ଭଡା ବାବଦରେ ପ୍ରାୟ ୪୦ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା କ୍ଷତି ସହିବାକୁ ପଡିଛି। ଉକ୍ତ ଟଙ୍କା ସେମାନଙ୍କ ଠାରୁ ଆଗାମୀ ଦିନରେ କିଭଳି ଆଦାୟ କରାଯିବ ସେନେଇ ମେଡିକାଲ କର୍ତ୍ତୃପକ୍ଷ ପଦେକ୍ଷପ ନେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ ଥିବା ଜିଲ୍ଲାର ବିଭିନ୍ନ ସରକାରୀ ମେଡିକାଲ ପରିସରରେ ମୋଟ ୬ଟି ଘରୋଇ ଔଷଧ ଦୋକାନ ଥିବାବେଳେ ସେଗୁଡିକୁ ମଧ୍ୟ ଉଠାଇବାକୁ ବ୍ୟବସ୍ଥା କରାଯାଇଥିବା ସିଡିଏମଓ ଡ଼ା. ଉମା ଶଙ୍କର ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟର ସମସ୍ତ ମେଡ଼ିକାଲରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିରାମୟ ଯୋଜନାରେ ସମସ୍ତ ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। ଏଭଳି କ୍ଷେତ୍ରରେ ରାଜ୍ୟର ସମସ୍ତ ମେଡ଼ିକାଲ ପରିସରରେ ଥିବା ଔଷଧ ଦୋକାନ ଗୁଡ଼ିକୁ ଉଠାଇବାକୁ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ଯାହାକୁ ନେଇ କିଛି ଔଷଧ ଦୋକାନ ମାଲିକ କୋର୍ଟର ଆଶ୍ରୟ ନେଇଥିଲେ। ଦୀର୍ଘ ବର୍ଷ ପରେ ଉଚ୍ଚତମ ନ୍ୟାୟାଳୟରେ ଏହି ମାମଲାର ଚୁଡାନ୍ତ ରାୟ ପ୍ରକାଶ ପାଇଥିଲା। ଯାହାକୁ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା। ଗତ ଏପ୍ରିଲ ୨୩ତାରିଖରେ ରାଜ୍ୟର ସମସ୍ତ ମେଡିକାଲ କଲେଜର ଅଧୀକ୍ଷକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ଏବଂ ମେଡିକାଲ ପରିସରରେ ଥିବା ସମସ୍ତ ଘରୋଇ ଔଷଧ ଦୋକାନଗୁଡ଼ିକୁ ୧୫ଦିନ ମଧ୍ୟରେ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।






# ସରିଲା ପ୍ରଚାର, ଦିନକ ପରେ ମତଦାନ

**ବ୍ରହ୍ମପୁର, ୧୧।୫(ସମିସ):** ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରେ ଆସନ୍ତା ୧୩ତାରିଖରେ ମତଦାନ ହେବ। ଏଥିଲାଗି ଶନିବାର ପ୍ରଚାର ଶେଷ ହୋଇଛି। ନିର୍ବାଚନ କମିଶନଙ୍କ ନିୟମ ପ୍ରକାରେ ଗତ କିଛି ଦିନ ଧରି ଜାରି ରହିଥିବା ପ୍ରଚାର ପ୍ରସାର ପ୍ରକ୍ରିୟାକୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧିନ ପ୍ରାର୍ଥୀମାନେ ବିରାମ ଦେଇଛନ୍ତି। ଅନେକ ସ୍ଥାନରେ ପ୍ରଚାରର ଶେଷ ଦିନରେ ପ୍ରାର୍ଥୀମାନେ ଦମ ଦେଖାଇଛନ୍ତି। କିଏ ବାଇକ ଶୋଭାଯାତ୍ରା କରି ପ୍ରଚାର ସମାପନ କରିଛି ଆଉ କିଏ ପଦଯାତ୍ରା କରି ଲୋକଙ୍କ ମନ ଜିଣିବାକୁ ପ୍ରୟାସ କରିଛି। ମୋଟାମୋଟି ଭାବେ କହିବାକୁ ଗଲେ କେହି କାହାଠାରୁ କମ ନଥିଲେ। ସମସ୍ତ ପ୍ରାର୍ଥୀ ମଇଦାନରେ ପ୍ରଚାର ପ୍ରସାରକୁ ବ୍ୟାପକ କରିଥିଲେ। ପ୍ରଚାର ପ୍ରସାର କରି ଲୋକଙ୍କ ମନରେ ନିଜ ଲାଗି ସ୍ଥାନ ସଂରକ୍ଷିତ ରଖିବାକୁ ପ୍ରୟାସ କରିଥିଲେ। ବ୍ରହ୍ମପୁର ବିଧାନସଭା ଅନ୍ତର୍ଗତ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ଆଦି ସମସ୍ତ ନିର୍ବାଚନ ମଣ୍ଡଳୀରେ ଆଜି ବ୍ୟାପକ ପ୍ରଚାର ଦେଖିବାକୁ ମିଳିଥିଲା। କିଏ ଜିତିଲେ କଣ କରିବେ ସେନେଇ ମଧ୍ୟ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଓଜାଡ଼ି ଦେଇଥିଲେ। ଏଣେ ଦିନକ ପରେ ନିର୍ବାଚନ ହେବ। ସବୁଠି ମତଦାନ ହେବ। ଏଥିଲାଗି ସମସ୍ତେ ପ୍ରସ୍ତୁତ ହେଉଛନ୍ତି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ପ୍ରଶାସନ ବି ପ୍ରସ୍ତୁତ ହେଉଛି। ଏପଟେ ରାଜନୈତିକ ଦଳମାନେ ମଧ୍ୟ ବୁଥ ଲାଗି ସମରସଜ୍ଜା ଆରମ୍ଭ କରିଛନ୍ତି। ସୂଚନା ପ୍ରକାରେ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଦିଗପହଣ୍ଡି, ଚିକିଟି, ମୋହନା ଓ ପାରଳାଖେମୁଣ୍ଡିକୁ ନେଇ ଗଠିତ ବ୍ରହ୍ମପୁର ଲୋକସଭାରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହେବ। ଏହାରି ଉପରେ ସମସ୍ତଙ୍କ ନଜର ମଧ୍ୟ ରହିଛି। ବ୍ରହ୍ମପୁର ଲୋକସଭାରେ ସମୁଦାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ଥିବା ବେଳେ ଏମାନେ ଆଗାମୀ ଦିନରେ ଏଠାକାର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଣେ ସମସ୍ତ ଦଳର ପ୍ରଚାର ପ୍ରସାର ଅତି ସୂଚାରୁ ଭାବେ ସମାପନ ହୋଇଥିବା ଲକ୍ଷ୍ୟ କରାଯାଇଛି।

# ଭୃଗୁ ଓ ସୁବାସଙ୍କ ପ୍ରଚାରରେ ସିନେଷ୍ଟାର ସବ୍ୟସାଚୀ ଓ ଅର୍ଚ୍ଚିତା ସାମିଲ

**ବ୍ରହ୍ମପୁର, ୧୧।୫(ସମିସ)**

ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରାର୍ଥୀଙ୍କ ପ୍ରଚାର ସେତେ ଦମଦାର ହେବାରେ ଲାଗିଛି।




## ସୁନ୍ଦରପୁର ପଞ୍ଚାୟତରେ ବିଜେଡିର ଶକ୍ତି ପ୍ରଦର୍ଶନ




ବିଭିନ୍ନ ପଞ୍ଚାୟତ ବୁଲି ଭୋଟରଙ୍କ ଘରେ ଘରେ ପହଞ୍ଚି ନିଜ ନିଜ ସପକ୍ଷରେ ସମର୍ଥନ ଜୁଟାଇବାରେ ବ୍ୟସ୍ତ ପ୍ରାର୍ଥୀ। ଭୋଟରଙ୍କ ମନ ଜିଣିବା ସହ ଭୋଟ ଆଶ୍ରିବାଦ ମାଗୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ପ୍ରଚାରର ଶେଷ ଦିନରେ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତରେ ବିଜେଡିର ଶକ୍ତି ପ୍ରଦର୍ଶନ କରିବା ସହିତ ଘରକୁ ଘର ବୁଲି ଦମଦାର ପ୍ରଚାର କରିଛନ୍ତି। ପ୍ରଚାର ସମୟରେ ପଞ୍ଚାୟତ ଏକ ପ୍ରକାର ସବୁଜମୟ ହୋଇ ପଡ଼ିଥିଲା। ଏଥିରେ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରାଙ୍କ ପାଇଁ ସିନେଷ୍ଟାର ସବ୍ୟସାଚୀ ଓ ଅର୍ଚ୍ଚିତା ଘରକୁ ଘର ବୁଲି ଜନସାଧାରଣଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ବିଜୟୀ କରିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି। ସୁନ୍ଦରପୁର ପଞ୍ଚାୟତରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଜଣାଇବା ସହିତ ବିଭିନ୍ନ ଢ଼ଙ୍ଗରେ ସ୍ୱାଗତ କରାଯାଇଥିଲା। ମହିଳାଙ୍କ ହୁଳହୁଳି, ପୁରୁଷଙ୍କ ହରିବୋଲ, ଜୟ ଜଗନ୍ନାଥ, ଜୟ ନବୀନ, ଶଙ୍ଖଚିହ୍ନ ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସାରା ପଞ୍ଚାୟତ ଉତ୍ସବ ମୁଖର ହୋଇପଡ଼ିଥିଲା। ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା। ଏହାସହ ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଉଭୟ ପ୍ରାର୍ଥୀ। ଏହି ପ୍ରଚାରରେ ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ସମିତି ସଭ୍ୟା ସୁଜ୍ଞାନୀ ସେଠୀ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜଟିଆ ନାହାକ ଓ ଏସ. କିଶୋର ରେଡ୍ଡୀ, ଟୁକୁନା ପୁରୋହିତ, ଅଶୋକ ପ୍ରଧାନ, ଭଗବାନ ନାହାକ, ଯୋଗୀ ରାଉଳ, କୁନା ସାହୁ, ଗଙ୍ଗା ସେଠୀ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ତ୍ରିଲୋଚନ ବେହେରା, ମଙ୍ଗେଳେଶ୍ୱର ରେଡ୍ଡୀଙ୍କ ସମେତ ସହସ୍ରାଧିକ ମହିଳା, ପୁରୁଷ ଏବଂ ଦଳୀୟ କର୍ମୀ ସାମିଲ ଥିଲେ।

# ବ୍ରହ୍ମପୁର ଲୋକସଭା ଆସନ ସହିତ ୭ଟି ବିଧାନସଭାରେ ବହୁ ବ୍ୟବଧାନରେ ଜିତିବୁ : ବିଜେଡି

**ବ୍ରହ୍ମପୁର, ୧୧।୫(ସମିସ)**



- ବିଜେଡିର ନିର୍ବାଚନୀ ଇସ୍ତାହାର ଏକ 'ଭିଜନ ଡକ୍ୟୁମେଣ୍ଟ'
- ନବୀନଙ୍କ ପ୍ରତି ଲୋକଙ୍କର ସ୍ନେହ ଓ ଭରସା ପ୍ରଚାର ସମୟରେ ସ୍ପଷ୍ଟ ବାରି ହେଉଥିଲା
- ଲୋକଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଇସ୍ତାହାରରେ ସ୍ଥାନ ପାଇଛି

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୧୩ତାରିଖରେ ହେବ ଭୋଟଗ୍ରହଣ। ଏଥିପାଇଁ ପ୍ରଚାର କାର୍ଯ୍ୟ ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ପ୍ରଚାର ଶେଷ ପରେ ବ୍ରହ୍ମପୁର ଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ପ୍ରଚାର କିଭଳି ଥିଲା ଓ କେତେଦୂର ଲୋକଙ୍କ ନିକଟରେ ଦଳୀୟ ପ୍ରାର୍ଥୀ ପହଁଞ୍ଚିପାରିଛନ୍ତି। ଲୋକଙ୍କ ସମର୍ଥନ କିଭଳି ଥିଲା ଓ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା କେତେ ଏବଂ ସର୍ବୋପରି ବିଜେଡି ପକ୍ଷରୁ ଘୋଷଣା ହୋଇଥିବା ନିର୍ବାଚନୀ ଇସ୍ତାହାର ରାଜ୍ୟବାସୀଙ୍କ ପାଇଁ ଓ ଓଡ଼ିଶାର ବିକାଶଧାରାକୁ ଆଗେଇ ନେବାରେ କେତେ ସହାୟକ ହେବ ସେନେଇ ଦଳ ପକ୍ଷରୁ ମତ ରଖାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ସାଂସଦ ତଥା ବିଜେଡିର ନିର୍ବାଚନୀ ଇସ୍ତାହାର କମିଟି ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ବିଜେଡି ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଥିବା ସମସ୍ତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ସହିତ ଲୋକସଭା ପ୍ରାର୍ଥୀ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଁଞ୍ଚିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ଓ ତାହାର ସଫଳ ରୂପାୟନ ସମ୍ପର୍କରେ ବାର୍ତ୍ତା ଦେବାରେ ସକ୍ଷମ ହୋଇଛନ୍ତି। ସେହିଭଳି ପ୍ରଚାର ବେଳେ ବିଜୁ ଜନତା ଦଳ ଓ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ମିଳିଥିବା ଲୋକଙ୍କ ସମର୍ଥନ ଓ ସ୍ନେହରୁ ସମସ୍ତ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟଲାଭ କରିବା ସ୍ପଷ୍ଟ ହୋଇଥିବା କହିଛନ୍ତି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର। ସେପଟେ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ନିର୍ବାଚନ ଇସ୍ତାହାରରେ ସବୁବର୍ଗଙ୍କୁ ସାମିଲ କରାଯାଇଥିବା ବେଳେ ରାଜ୍ୟରେ ଦିର୍ଘ ୨୪ବର୍ଷ ଧରି ଜାରି ରହିଥିବା ବିକାଶର ଧାରାକୁ ଆଗେଇ ନେବାରେ ସହାୟକ ହେବ ବୋଲି ସେ କହିଥିଲେ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ମୁକ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାରଳାଖେମୁଣ୍ଡି ଓ କନିଷି ଠାରେ ଆୟୋଜିତ ଦୁଇଟି ନିର୍ବାଚନୀ ସଭାରେ ସେ ଲୋକଙ୍କୁ ଦେଇଥିବା ବାର୍ତ୍ତାକୁ ଲୋକେ ଗ୍ରହଣ କରି ବିଜେଡିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ବିଜୟୀ କରାଇବେ ବୋଲି ଆଶା ବ୍ୟକ୍ତ କରିଥିଲେ। ସେପଟେ ବିରୋଧୀ ବିଜେପି ଦଳର ପ୍ରାର୍ଥୀଙ୍କର ଅପରାଧିକ ପୃଷ୍ଠଭୂମି ଥିବା ବେଳେ ଖୋଦ୍ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୁତି ନେତା ଅତିତରେ ନିଜ ଦଳର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରହୀଙ୍କୁ ଗିରଫ କରିବାକୁ ଏତଲା ଦେବା ସହ ରାସ୍ତାକୁ ଓହ୍ଲାଇଥିଲେ। ବର୍ତ୍ତମାନ ଉଭୟେ ଏକ ହୋଇ ପରସ୍ପର ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଏଣୁ ଏଭଳି ନେତାଙ୍କୁ ଲୋକେ ଚିହ୍ନିଛନ୍ତି ଏବଂ ଭୋଟ ମାଧ୍ୟମରେ ଉଚିତ ଜବାବ ଦେବେ ବୋଲି କହିଛନ୍ତି ଭୃଗୁ ବକ୍ସିପାତ୍ର। ବିଜେଡି ପକ୍ଷରୁ ଘୋଷଣା କରାଯାଇଥିବା ନିର୍ବାଚନୀ ଇସ୍ତାହାର ଏକ ଭିଜନ ଡକ୍ୟୁମେଣ୍ଟ। ବିଭିନ୍ନ ବର୍ଗର ଲୋକଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇ ସେଗୁଡିକୁ ବିଜେଡିର ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରାଯାଇଛି। କମିଟିରେ ବହୁ ବିଜ୍ଞ ଓ ଅନୁଭୂତି ସମ୍ପନ୍ନ ବ୍ୟକ୍ତି ସ୍ଥାନ ପାଇଥିଲେ। ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା, ମଧ୍ୟବିତ୍ତ ଓ ସରକାରୀ ଚାକିରିଆଙ୍କୁ ବିଏସକେୱାଇ ଭଳି ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା, ମିଶନଶକ୍ତିର ମା ମାନଙ୍କୁ ପେନସନ, ଯୁବବର୍ଗଙ୍କ ପାଇଁ ରୋଜଗାର ଓ ବୃତ୍ତିରେ ବୃଦ୍ଧି ଭଳି ବହୁ ଯୋଜନାକୁ ସାମିଲ କରାଯାଇଛି। ଏଗୁଡିକ କେବଳ ଇସ୍ତାହାରରେ ନୁହେଁ ବରଂ ସେସବୁକୁ କିଭଳି କାର୍ଯ୍ୟକାରୀ କରାଯିବ ସେଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଣୁ ପ୍ରଚାର ସମୟରେ ନବୀନଙ୍କ ପ୍ରତି ଲୋକଙ୍କର ଥିବା ଆଶା ଓ ଭରସା ସହିତ ଓଡ଼ିଶାକୁ ନମ୍ବର ୱାନ କରିବା ନେଇ ଥିବା ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପକୁ ଆଧାର କରି ଲୋକେ ବିଜେଡିର ସମସ୍ତ ପ୍ରାର୍ଥୀଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ବିଜୟ କରାଇବେ ବୋଲି ଆଶା ରଖିଛନ୍ତି ସାଂସଦ ଚନ୍ଦ୍ରଶେଖର ସାହୁ। ଛତ୍ରପୁର, ଗୋପାଳପୁର ଓ ବ୍ରହ୍ମପୁରକୁ ନେଇ ଏକ କ୍ଲଷ୍ଟର କରାଯାଇଛି। ଗୋପାଳପୁର ବନ୍ଦରରେ ବହୁ କୋଟି ଟଙ୍କା ବିନିଯୋଗ ହୋଇ ଏହାର ଉନ୍ନତିକରଣ କରାଯିବ। ନୂତନ ରେଳସଂଯୋଗ ଓ ଜିଲରଷିକୂଲ୍ୟା, ବାହୁଦା, ମହେନ୍ଦ୍ରତନୟା ଓ ବଂଶଧରା ଭଳି ୪ଟି ନଦୀର ସଂଯୋଗୀକରଣ କରାଯାଇ ଚାଷୀଙ୍କ ପାଇଁ ଦ୍ୱିଫସଲର ସୁବିଧା କରାଇବା ପଣି ଯୋଜନା କରାଯାଇଛି। ଏଣୁ ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ଏବଂ ରାଜ୍ୟରେ ଅଧିକ ସିଟ ହାସଲ କରି ନବୀନ ପଟ୍ଟନାୟକ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଏକ ବିରଳ ରେକର୍ଡ ସୃଷ୍ଟି କରିବେ ବୋଲି କହିଛନ୍ତି ସମ୍ମିଳନୀରେ ଉପସ୍ଥିତ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା।

# ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ



**ବ୍ରହ୍ମପୁର, ୧୧।୫(ସମିସ):** ଆସନ୍ତା ୧୩ତାରିଖରେ ବ୍ରହ୍ମପୁର ଲୋକସଭା ଲାଗି ଭୋଟ ପଡ଼ିବ। ଏଥିପାଇଁ ଶନିବାର ଏହି ଲୋକସଭା ଅନ୍ତର୍ଗତ ଚିକିଟି ଓ ଦିଗପହଣ୍ଡି ବିଧାନସଭା ଆସନ ଲାଗି ବୁଥ ପୋଲିଂ କର୍ମଚାରୀ ନିର୍ବାଚନ ପରିଚାଳନା କେନ୍ଦ୍ରଠାରୁ ଗନ୍ତବ୍ୟସ୍ଥଳକୁ ଗସ୍ତ କରିଛନ୍ତି। ସ୍ଥାନୀୟ ପଲିଟେକନିକ ଓ ୟୁସିପି କଲେଜଠାରୁ ସମ୍ମିଳିତ ହୋଇ ବୁଥ ପୋଲିଂ କର୍ମଚାରୀମାନେ ଆବଶ୍ୟକ ସମସ୍ତ ଯାଞ୍ଚ ସରିବା ପରେ ବୁଥ ଅଭିମୁଖେ ସ୍ୱତନ୍ତ୍ର ଯାନରେ ଯାଇଛନ୍ତି। ତେବେ ରବିବାର ବ୍ରହ୍ମପୁର ଓ ଗୋପାଳପୁର ବିଧାନସଭା ଆସନ ଲାଗି କର୍ମଚାରୀମାନେ ଯିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଛତ୍ରପୁର ଆସନ ଲାଗି ମଧ୍ୟ ରବିବାର ପୋଲିଂ କର୍ମଚାରୀମାନେ ଯିବେ ବୋଲି ସୂଚନା ମିଳିଛି। ସୂଚନା ପ୍ରକାରେ ଚିକିଟି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୪୧ଟି ବୁଥରେ ପୋଲିଂ ମତଦାନ ହେବାକୁ ଥିବା ବେଳେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ୨୫୬ଟି ବୁଥରେ ମତଦାନ ହେବ ବୋଲି ଜଣାଯାଇଛି। ଏଣେ ପ୍ରତ୍ୟେକ ବୁଥକୁ ଆଜି ପୋଲିଂ କର୍ମଚାରୀମାନେ ଗସ୍ତ କରିଛନ୍ତି।





# ନିର୍ବାଚନୀ ଇସ୍ତାହାର ଓ ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା ସଫଳତା ଆଣିଦେବ: ସୁବାସ

**ବ୍ରହ୍ମପୁର, ୧୧।୫(ସମିସ) :** ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ଜନପ୍ରିୟ ନେତା ତଥା ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଲୋକଙ୍କ ନିରନ୍ତର ସେବା କରି ଆସୁଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିଗତ ନିର୍ବାଚନ ଗୁଡିକରେ ଇସ୍ତେହାର ଜରିଆରେ ଓଡ଼ିଶାବାସୀଙ୍କୁ ଦଳ ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ମୁଖ୍ୟମନ୍ତ୍ରୀ ପାଳନ କରିଛନ୍ତି। ଯାହାଫଳରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ବିରୋଧୀ ଯେତେ ଢେଣ୍ଟୁରା ପିଟିଲେ ସୁଦ୍ଧା ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ଗତ ନିର୍ବାଚନଠାରୁ ବହୁ ଭୋଟ ବ୍ୟବଧାନରେ ଏବଂ ଅଧିକ ବିଧାନସଭା ସିଟ୍ ହାତେଇ ନବୀନବାବୁ ସରକାର ଗଠନ କରିବେ। ଚଳିତ ଥର ମଧ୍ୟ ରାଜ୍ୟର ସବୁବର୍ଗଙ୍କ ପାଇଁ ବିଭିନ୍ନ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ମୁଖ୍ୟମନ୍ତ୍ରୀ ପାଳନ କରିବେ ଏବଂ ଓଡ଼ିଶାର ସାଢ଼େ ୪କୋଟି ଜନସାଧାରଣଙ୍କ ଆସ୍ଥାଭାଜନ ହେବେ। ୨୪ବର୍ଷ ଧରି ନବୀନ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସଫଳରୂପାୟନ ସମ୍ପର୍କିତ ବିଷୟକୁ ନେଇ ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଘରେ ଘରେ ବାର୍ତ୍ତା ପହଞ୍ଚାଇ ଭୋଟଭିକ୍ଷା କରୁଛି ବିଜେଡି। ଗତ ୫ବର୍ଷ ମଧ୍ୟରେ ଭୋଟରଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ରକ୍ଷା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ଦ୍ୱିତୀୟ ଥର ପାଇଁ ଦଳୀୟ ଟିକେଟ ପାଇ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି ସୁବାଷ ଚନ୍ଦ୍ର ବେହେରା। ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଭଲପାଇବା ଓ ଆଶୀର୍ବାଦରୁ ଗତ ନିର୍ବାଚନଠୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବାକୁ ଆଶାବାଦୀ ଥିବା କହିଛନ୍ତି ଛତ୍ରପୁର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ନିଜ କାର୍ଯ୍ୟକାଳରେ ଭୋଟରଙ୍କୁ ସେ ଦେଇଥିବା ପ୍ରତିଶ୍ରୁତି କିଭଳି ପାଳନ କରିଛନ୍ତି ଓ ନିର୍ବାଚିତ ହେବା ପରେ ତାଙ୍କର ଲକ୍ଷ୍ୟ ଓ କାର୍ଯ୍ୟପନ୍ଥା କଣ ରହିବ ସେନେଇ ସେ ସୂଚନା ଦେଇଛନ୍ତି।




ସେ କହିଛନ୍ତି ଯେ, ସମାଜସେବା କରିବା ଲକ୍ଷ୍ୟ ନେଇ ଚାକିରି ଛାଡି ରାଜନୀତିକୁ ଓହ୍ଲାଇଥିଲେ, ପ୍ରଥମେ ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଆରମ୍ଭ ହୋଇଥିଲା ତାଙ୍କର ରାଜନୈତିକ କ୍ୟାରିୟର। ପରେ ୨୦୧୭ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦରେ ଥାଇ ୨୦୧୯ମସିହାରେ ପ୍ରଥମ ଥର ପାଇଁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ତଥା ବିଜେପି ପ୍ରାର୍ଥୀ ପ୍ରଶାନ୍ତ କୁମାର କରଙ୍କୁ ୨୧ ହଜାର ୫୧ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଥିଲେ। ପୁଣି ୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦରୁ ଦଳୀୟ ଟିକେଟରେ ପ୍ରାର୍ଥୀ ହୋଇ ଲୋକଙ୍କୁ ସେବା କରିବାର ସୁଯୋଗ ମିଳିଛି। ଲୋକଙ୍କୁ ଉତ୍ତମ ସେବା ଯୋଗାଇବା, ସରକାରଙ୍କ ସମସ୍ତ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ଛତ୍ରପୁର ନିର୍ବାଚନ ମଣ୍ଡଳୀକୁ ଏକ ଆଦର୍ଶ ନିର୍ବାଚନ କ୍ଷେତ୍ର ସହ ଏକ ବିକଶିତ ଅଞ୍ଚଳ ଭାବେ ଗଢି ତୋଳିବା ହେଉଛି ଲକ୍ଷ୍ୟ। ଅରାଜକତାକୁ ପ୍ରଶ୍ରୟ ନଦେଇ କିଭଳି ସଦାସର୍ବଦା ଶାନ୍ତି ବଜାୟ ରହିବ ସେଥିପାଇଁ ସଦା ଚେଷ୍ଟିତ। ଗତ ୫ବର୍ଷରେ ଅନେକ କାମ ହୋଇଥିବା ବେଳେ କିଛି ଅଧୁରା ରହିଯାଇଛି। ସେଗୁଡିକୁ ପୂରଣ କରିବା ହେବ ପ୍ରାଥମିକତା। ମା' ରାମଚଣ୍ଡୀ ମନ୍ଦିର, ବଟେଶ୍ୱର ମନ୍ଦିର ଓ ସୁନ୍ଦରେଶ୍ୱର ମନ୍ଦିର ପାଇଁ ୫କୋଟି ୨୦ଲକ୍ଷ, ହଂସପୁର ଠାରେ ୧୫୦କୋଟି ବ୍ୟୟରେ ବ୍ୟାରେଜ, ଛତ୍ରପୁରରେ ହକି ତାଲିମ କେନ୍ଦ୍ର, ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ, ଛତ୍ରପୁର ମହିଳା କଲେଜ ପାଇଁ ୬୦ଲକ୍ଷ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ହୁମ୍ମା ଶୁଖୁଆ ହାଟର ଆଧୁନିକିକରଣ, ରୁଷିକୁଲ୍ୟା ନଦୀ ଉପରେ ବିଜୁ ସେତୁ ନିର୍ମାଣ, ଯାହା ଉଭୟ ଗଞ୍ଜାମ ଓ ଛତ୍ରପୁର ବ୍ଲକ ସଂଯୋଗୀକରଣ ପାଇଁ ସୁବିଧା, ଦୁଇବ୍ଲକର ସମସ୍ତ ସରକାରୀ ହାଇସ୍କୁଲର ରୂପାନ୍ତୀକରଣ। ସେହିଭଳି ସମସ୍ତ ପଞ୍ଚାୟତରେ ରାସ୍ତା ନିର୍ମାଣ ଭଳି ଅନେକ ବିକାଶ କାର୍ଯ୍ୟ ହୋଇପାରିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜରିଆରେ ଅନେକ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇପାରିଛନ୍ତି।

ବିଜୁ ସ୍ୱାସ୍ଥ୍ୟ କାର୍ଡ, ନବୀନ ମ୍ୟାଜିକ କାର୍ଡ ସମେତ ଚଳିତ ନିର୍ବାଚନରେ ବିଜେଡିର ନିର୍ବାଚନୀ ଇସ୍ତେହାରରେ ସ୍ଥାନ ପାଇଥିବା ୧୦୦ୟୁନିଟ ବିଜୁଳି ମାଗଣା, ଛାତ୍ରବୃତ୍ତି ବୃଦ୍ଧି, ୫ବର୍ଷରେ ୨ଲକ୍ଷ ସରକାରୀ ଚାକିରି, ମିଶନଶକ୍ତି ମା'ମାନଙ୍କୁ ପେନସନ, ଠିକା କର୍ମଚାରୀ, ମଧ୍ୟବିତ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ସୁବିଧା ଆଦି ପାଇଁ ୨୦୧୯ ନିର୍ବାଚନ ଠାରୁ ଚଳିତ ନିର୍ବାଚନରେ ବହୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ବିଜେଡି ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା।

# ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ମାରାଥନ୍ ପ୍ରଚାର

**ବାଲିଗୁଡ଼ା,୧୧।୫(ସମିସ)**





କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ବାଲିଗୁଡା ନିର୍ବାଚନମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା, ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ପୁଣି ଥରେ ନିର୍ବାଚିତ କରିବା ପାଇଁ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ଟୁନା ଦାସ ସଂକଳ୍ପ କରିଛନ୍ତି। ଶନିବାର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ମହସିଙ୍ଗିରେ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ବାଲିଗୁଡା ସଂଯୋଜକ ଟୁନା ଦାସ, ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁର ସ୍ୱାଗତ ସମ୍ବର୍ଦ୍ଧନା କରିବାସହ ଶୋଭାଯାତ୍ରା କରାଯାଇ ତୁମୁଡିବନ୍ଧର କୁର୍ତ୍ତମଗଡ ଗ୍ରାମରେ ପହଞ୍ଚିଥିଲେ। ସେଠାରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ତୁମୁଡିବନ୍ଧରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ ନିର୍ବାଚନୀ ଇସ୍ତାହାର ଉପରେ ଅଭିଭାଷଣ ରଖିଥିଲେ ମୁଖ୍ୟଅତିଥି ଡ଼.ସାମନ୍ତ ଓ ସଂଯୋଜକ ଟୁନା ଦାସ । ଆସନ୍ତା ମେ ୨୦ତାରିଖରେ ହେବାକୁ ଥିବା ସଧାରଣ ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଭୋଟ ଭିକ୍ଷା କରିବା ସହ ଆଶୀର୍ବାଦ କୃପା ଲାଭ କରିଥିଲେ ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁର ଓ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ। ଏହା ପରେ ଏକ ମିଶ୍ରଣ ପର୍ବ ସେଠାରେ ଅନୁଷ୍ଠିତ ହୋଇଥିଲା । ସେଥିରେ ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ଶହ ଶହ କର୍ମୀ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ । ଏହା ପରେ ଏକ ବିଶାଳ ମୋଟର ସାଇକେଲ ରାଲିରେ ତୁମୁଡିବନ୍ଧ ରୁ ବାହାରି କୋଟଗଡ ପହଞ୍ଚିବା ପରେ କୋଟଗଡ ବ୍ଲକ ସଭାପତି ମନୋଜ ସାବତଙ୍କ ନେତୃତ୍ୱରେ ଏକ ରୋଡ ସୋ'ରେ କୋଟଗଡ଼ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଆମ ମୁଖ୍ୟମନ୍ତ୍ରୀ କଥା କମ କୁହନ୍ତି ଅଧିକ କାମ କରନ୍ତି ।ମୋର ଅନୁରୋଧ ଆପଣ ବିଜେଡି ନିର୍ବାଚନ ଇସ୍ତାହାରକୁ ଘରେ ଘରେ ପହଞ୍ଚାଇବେ ବୋଲି ଏହି ସଭାରେ କହିବା ପରେ ଯୋଡି ଶଙ୍ଖରେ ଭୋଟ ଭିକ୍ଷା କରିଥିଲେ ସାଂସଦ ପ୍ରାର୍ଥୀ ଡ.ସାମନ୍ତ। ଏହା ପରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଶହ ଶହ କର୍ମୀ ବିଜେପି ଓ କଂଗ୍ରେସ ଛାଡି ମୁଖ୍ୟମନ୍ତ୍ରୀଙ୍କ ଉନ୍ନତମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଛୁ ବୋଲି କହିଥିଲେ । ଶହ ଶହ ଗ୍ରାମବାସୀଙ୍କ ସହଯୋଗ ଓ ଭଲପାଇବା ଦେଖୀ ଆଗମୀ ସଧାରଣ ନିର୍ବାଚନରେ ଆମେ ନିଶ୍ଚିତ ଭାବରେ ବହୁ ବ୍ୟବଧାନରେ ବିଜୟ ଲାଭ କରିବୁ ବୋଲି କହିଥିଲେ ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ ଓ ସଂଯୋଜକ । ଏହି କର୍ମୀ ସମ୍ମିଳନୀରେ ସାଂସଦ ପ୍ରାର୍ଥୀ ଡ.ସାମନ୍ତ, ବିଧାୟକ ପ୍ରାର୍ଥୀ ଶ୍ରୀ କହଁର ଓ ସଂଯୋଜକ ଶ୍ରୀ ଦାସଙ୍କ ସମେତ ବାଲିଗୁଡା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା , ନନ୍ଦିନୀ ମଲିକ, ରାଜୀବ ପାତ୍ର, ପୁନମ କହ୍ନର, ଗୋବିନ୍ଦ ପ୍ରଧାନ ଓ ବହୁ କର୍ମକର୍ତ୍ତ ଉପସ୍ଥିତ ଥିଲେ।

## ଡ୍ୟାମରେ ବୁଡ଼ି ଯୁବକ ମୃତ

**ମୋହନା,୧୧।୫(ସମିସ):** ଗଜପତି ଜିଲ୍ଲା ଅଡବା ହରଭଙ୍ଗୀ ଡ୍ୟାମ ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମଝି କିରିମ୍ବା ଗାଁର ରୋହନ ବଲିୟାରସିଂ(୧୭) ।ମୋହନା ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଶନିବାର ଅପରାହ୍ନରେ ଗାଁର କିଛି ଲୋକ ହରଭଙ୍ଗୀ ଡ୍ୟାମରେ ଗାଧୋଉଥିଲେ। ଏହି ସମୟରେ ରୋହନ ଡ୍ୟାମରେ ବୁଡ଼ି ଯାଇଥିଲେ। ଗାଁ ଲୋକେ ବହୁ ସମୟ ଖୋଜା ଖୋଜି ପରେ ମୋହନା ଅଗ୍ନିଶମ ବାହିନୀ ଓ ଅଡବା ପୁଲିସକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିଥିଲେ। ଶବ ବ୍ୟବଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ପୁଲିସ ଘଟଣାର ତଦନ୍ତ କରୁଛି ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ରଙ୍ଗେଇଲୁଣ୍ଡା,୧୧।୫(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ଗୋଳନ୍ଥରା ଗାଁରେ ଗାଧୋଉଥିବାବେଳେ ଜଣେ ଯୁବକ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ଉକ୍ତ ଗାଁର ବଡ଼ ଦାଣ୍ଡ ସାହିର ଓକିଲ ପ୍ରଧାନ (୪୨)। ସୂଚନା ଅନୁଯାଇ ଶୁକ୍ରବାର ଅପରାହ୍ନ ସାଢେ ୨ଟାବେଳେ ଓକିଲ ସାଇକେଲ ନେଇ ଗାଁର ଚାୱକା ବନ୍ଧକୁ ଗାଧୋଇବାକୁ ଯାଇ ଆଉ ଫେରି ନଥିଲେ। ସନ୍ଧ୍ୟା ଯାଏଁ ଘରକୁ ନ ଫେରିବାରୁ ପରିବାର ବର୍ଗ ଖୋଜା ଖୋଜି କରିବା ପରେ ତାଙ୍କ ସାଇକେଲ ପୋଖରୀ ନିକଟରେ ଦେଖିବାକୁ ମିଳିଥିଲା। ତେଣୁ ସେ ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହ କରି ଗ୍ରାମବାସୀ ସହଯୋଗରେ ପୋଖରୀରେ ଦୀର୍ଘ ସମୟ ଖୋଜିବା ପରେ ରାତି ସାଢେ ୯ଟାରେ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏନେଇ ଗୋଳନ୍ଥରା ଥାନାରେ କେସନଂ ୧୩/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

## ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବୁଗୁଡ଼ା,୧୧।୫(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ପଞ୍ଚାୟତର ପଥରବଣି ଗ୍ରାମରେ ଜନୈକ ଯୁବକ ବେକରେ ରଶି ଲଗାଇ ଆ।ତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପଥରବଣି ଗ୍ରାମର ନୀଳାଞ୍ଚଳ ନାୟକଙ୍କ ବଡ଼ ପୁଅ ଲକ୍ଷ୍ମୀନାରାୟଣ ନାୟକ(୧୯ )। ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀଙ୍କ ପରିବାର ଲୋକେ ନିକଟସ୍ଥ ଜେଏକ ଗ୍ରାମକୁ ନାମଯଜ୍ଞ ଦେଖିବାକୁ ଯାଇଥିବା ବେଳେ ଲକ୍ଷ୍ମୀ ଘର ଭିତରେ ଥିବା ଏକ ପଙ୍ଖାରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଲକ୍ଷ୍ମୀ ଫୋନ ନଉଠାଇବାରୁ ତାଙ୍କ ସାଙ୍ଗ ମାନେ ସନ୍ଧ୍ୟା ୮ଟା ସମୟରେ ତାଙ୍କୁ ଖୋଜିବାକୁ ଘରକୁ ଆସିଥିଲେ ଏବଂ ଦାଣ୍ଡ ପିଣ୍ଡାରେ ବସିଥିବା ଲକ୍ଷ୍ମୀଙ୍କ ଜେଜେବାପାଙ୍କୁ ଲକ୍ଷ୍ମୀ କୁଆଡେ ଗଲା ବୋଲି ପଚାରିଥିଲେ। ଲକ୍ଷ୍ମୀ କବାଟ ବନ୍ଦ କରି ଘରେ ଅଛି ବୋଲି ଜେଜେବାପା କହିବାରେ ସାଙ୍ଗମାନେ କବାଟ ବାଡେଇ ଲକ୍ଷ୍ମୀଙ୍କୁ ଡାକିଥିଲେ ହେଁ କବାଟ ନଖୋଲିବାରୁ ସେମାନେ କବାଟ ତାଡି ଘରେ ପଶିଥିଲେ ଏବଂ ଲକ୍ଷ୍ମୀ ପଙ୍ଖାରେ ଝୁଲି ରହିଥିବା ଦେଖି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ତେବେ ଡାକ୍ତର ଏଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଜଙ୍ଗଲରୁ ନରକଙ୍କାଳ ଜବତ

**ରଙ୍ଗେଇଲୁଣ୍ଡା,୧୧।୫(ସମିସ):** ଶନିବାର ଗୋଳନ୍ଥରା ଥାନା ଅନ୍ତର୍ଗତ ଝିଙ୍କିପଦର ଗ୍ରାମ ନିକଟରେ ଶେଷ ଭାଗରେ ଥିବା ଜଙ୍ଗଲ ନିକଟରୁ ଏକ ନରକଙ୍କାଳ ପୁଲିସ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଛି। ସୂଚନା ଅନୁସାରେ ଝିଙ୍କିପଦର ଗ୍ରାମ ଶେଶ ଭାଗରେ ନିକଟରେ ଥିବା ଏକ ଜଙ୍ଗଲ ନିକଟରେ ନର କଙ୍କାଳ ଓ ଖପୁରି ପଡି ରହିଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକ କାଠ ହାଣିବାକୁ ଯାଇ ଦେଖିବାକୁ ପାଇଥିଲେ। ଖବର ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଖପୁରି ଓ କଙ୍କାଳକୁ ଜବତ କରି ବ୍ୟବଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଏନେଇ ଥାନା କେସନଂ ୧୫ /୨୪ ପ୍ରକାରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ଯୋଗ ଯୋଗ କରିବାରୁ ଏକ ନର କଙ୍କାଳ ଜବତ କରାଯାଇଛି। ଏହା ଜଣେ ବୃଦ୍ଧଙ୍କ କଙ୍କାଳ ବୋଲି ଅନୁମାନ କରାଯାଉଥିବାବେଳେ ୧୦ରୁ ୧୫ ଦିନ ତଳର ମୃତଦେହ ବୋଲି ପୁଲିସ କହିଛି। ତେବେ ମୃତଦେହକୁ କୌଣସି ବନ୍ୟଜନ୍ତୁ ଖାଇଥିବାରୁ ମୃତକଙ୍କ ପରିଚୟ ମିଳିପାରିନାହିଁ।

## ବିଜେଡି ପ୍ରାର୍ଥୀ ରୂପେଶଙ୍କ ପାଇଁ ବାପାଙ୍କ ଭୋଟ ଭିକ୍ଷା

**ପାରଳାଖେମୁଣ୍ଡି,୧୧।୫(ସମିସ):** ନିର୍ବାଚନୀ ପ୍ରଚାରର ଶେଷ ଦିବସରେ ଶନିବାର ପାରଳାଖେମୁଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୂପେଶ ପାଣିଗ୍ରାହୀ ମାରାଥନ ପ୍ରଚାର କରିଥିଲେ । ଏହି ନିର୍ବାଚନମଣ୍ଡଳୀର ୩ ବ୍ଲକ ଏବଂ ସହରାଞ୍ଚଳରେ ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ ହଜାର ହଜାର ସମର୍ଥକଙ୍କ ସହ ପ୍ରଚାର କରିଥିବା ବେଳେ ତାଙ୍କ ବାପା ତଥା ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ପୁଅଙ୍କ ପାଇଁ ଭୋଟ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଡ.ପାଣିଗ୍ରାହୀ ନବୀନ ଗ୍ୟାରେଣ୍ଟି ତଥା ବିଜେଡି ନିର୍ବାଚନ ଇସ୍ତାହାର ସମ୍ପର୍କରେ ପ୍ରଚାର କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ କହିଥିଲେ । ଏହା ସହ ପୁଅ ରୂପେଶ ଏବଂ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ ମାରାଥନ ଗସ୍ତ କରି ପ୍ରଚାର କରିଥିଲେ। ପ୍ରଚାରରେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚଙ୍କ ସହ ବହୁ ବିଜେଡି ନେତା ଓ କର୍ମୀ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ, ଉପଲଡା ସରପଞ୍ଚ ଡି.ତ୍ରିବେଣୀ ପ୍ରମୁଖ ସାମିଲ ହୋଇଥିଲେ।

## ଦୁଇ ଓଲିଉଡ୍ ଅଭିନେତ୍ରୀଙ୍କ ଧମାକାଦାର ପ୍ରଚାର



**ରାୟଗଡ,୧୧।୫ (ସମିସ):** ଗଜପତି ଜିଲ୍ଲା ମୋହନା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ଲାଗି ଦୁଇ ଓଲିଉଡ୍ ତାରକା ଅଭିନେତ୍ରୀ ପ୍ରିୟା ଏବଂ ସନମୀରା ପ୍ରଚାର କରିଥିଲେ। ମୋହନା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାୟଗଡ ବ୍ଲକ ସଦର ମହକୁମା ରାୟଗଡର ହାଟପଦା ଠାରୁ ବ୍ଲକ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ରୋଡ୍ ଶୋରେ ଦୁଇ ଅଭିନେତ୍ରୀ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ହଜାର ହଜାର ବିଜେଡି ସମର୍ଥକଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଅଭିନେତ୍ରୀଙ୍କୁ ଦେଖିବା ପାଇଁ ଜନସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ସମେତ ବହୁ ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ଉପସ୍ଥିତ ଥିଲେ ।

## ଶେଷ ଦିନରେ ବିଜେଡିର ହାଇଭୋଲଟେଜ୍ ପ୍ରଚାର





**ମୋହନା,୧୧।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ଆସନ୍ତା ୧୩ ତାରିଖରେ ହେବ। ଏହି ପରିପ୍ରେକ୍ଷୀରେ ବିଜେଡି ତାର ପ୍ରଚାରକୁ ଶାଣିତ କରିଥିଲା। ପ୍ରଚାରର ଶେଷଦିନରେ ମୋହନା ନିର୍ବାଚନ ମଣ୍ଡଳୀର ମୋହନା ସହରରେ ଏକ ବିରାଟ ବାଇକ ଶୋଭାଯାତ୍ରା ସହ ଷ୍ଟାର ପ୍ରଚାରକଙ୍କ ସହ ପ୍ରଚାର କରିଛି ବିଜେଡି । ସ୍ଥାନୀୟ ନାରଙ୍ଗୀ ଛକରୁ ବାଇକ ରାଲିରେ ବାହାରି ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ସିନେ ଷ୍ଟାର ସନମୀରା ଏବଂ ପ୍ରିୟାଙ୍କ ସହ ମୋହନା ସହର ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ସିନେଷ୍ଟାରଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ମୋହନା ସହର ପରିକ୍ରମା କରିବା ପରେ ହାଇସ୍କୁଲ ଛକରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ବିଜେଡି ନେତୃବୃନ୍ଦ ଏବଂ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୨୨୨ଟି ମାମଲାର ଫଇସଲା

**ଭଞ୍ଜନଗର,୧୧।୫(ସମିସ):** ତାଲୁକ୍ ଆଇନ୍ ସେବା କମିଟି ଆନୁକୂଲ୍ୟରେ ଭଞ୍ଜନଗର ଶନିବାର ଏଡ଼ିଜେ କୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨୨ଟି କେସର ସମାଧାନ ହୋଇ ସେଥିରୁ ମୋଟ ୧,୪୫,୨୯,୦୦୨ ଟଙ୍କା ଆଦାୟ ହୋଇଛି। ୨୩ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାର ସମାଧାନ ହୋଇ ୧,୧୬,୮୫ହଜାର ଟଙ୍କା ଆଦାୟ ହୋଇ ଥିବା ବେଳେ ଗୋଟିଏ





ଏନଆଇ ଆକ୍ଟ କେସରେ ୨ଲକ୍ଷ ଟଙ୍କା, ୭ଟି ବ୍ୟାଙ୍କ ଋଣ ଆଦାୟ ବାବଦରେ ୮,୪୪,୦୦୨ଟଙ୍କା, ୩ଟି ବୈବାହିକ ବିଚ୍ଛେଦ କେସ, ଅନ୍ୟାନ୍ୟ ସିଭିଲ କେସ ଗୋଟିଏ, ଅନ୍ୟାନ୍ୟ ଅପରାଧିକ ମାମଲା ୮ଟି, ରାଜସ୍ୱ ସମ୍ବନ୍ଧୀୟ ୧୭୯ଟି କେସ ରହିଛି। ଏଥିରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ, ତାଲୁକ୍ ଆଇନ୍ ସେବା କମିଟିର ଦେବଦତ୍ତ ପଟ୍ଟନାୟକ, ବରିଷ୍ଠ ସିଭିଲ ଜଜ୍ ସୋମାଲିନା ମିଶ୍ର, ଜେଏମଏଫସି ସନ୍ଧ୍ୟା ସୁଚରିତା, ଲୋକ ଅଦାଲତ ବେଞ୍ଚ୍ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆଇନଜୀବୀ ସୋମନାଥ ନାୟକ, ତାଲୁକ୍ ଆଇନ୍ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏସନ୍ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ, ଆଇନଜୀବୀ ବଂଶୀଧର ପ୍ରଧାନ, ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଅରୁଣ କୁମାର ପାଢୀ, ସମୀର ନାୟକ, ଦେବୀ ତ୍ରିପାଠୀ, ସନ୍ତୋଷ ପଣ୍ଡା, ପ୍ରକାଶ ମହାପାତ୍ର, ବିରେନ୍ଦ୍ର ବିଷୋୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଇ. ରାମା ରାଓ, ପବିତ୍ର ପ୍ରଧାନ ସହଯୋଗ

## ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ର୍‍ୟାଗିଂ ଅଭିଯୋଗ

**ବ୍ରହ୍ମପୁର,୧୧।୫(ସମିସ):** ଏମକେସିଜି ମେଡିକାଲ କଲେଜରେ ପଢୁଥିବା କିଛି ଏମବିବିଏସ ଜୁନିଅର ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଛି। କିଛି ଅଭିଭାବକ ଏମକେସିଜି ମେଡିକାଲ କଲେଜ ଡିନଙ୍କୁ ଇ-ମେଲ ଜରିଆରେ ଏଭଳି ଅଭିଯୋଗ କରିଛନ୍ତି। ତେବେ କାହିଁକି ଓ କେଉଁ କାରଣରୁ ଏଭଳି ଅଭିଯୋଗ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ପରେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେପଟେ ଆଣ୍ଟି ର୍‍ୟାଗିଂ ସେଲରେ ଯେଉଁ ଅଭିଯୋଗ ହୋଇଛି ସେଥିରେ କୌଣସି ଛାତ୍ରଙ୍କ ନାଁ ଉଲ୍ଲେଖ ନଥିବା ଜଣାପଡିଛି। ବରଂ କିଛି ଅଭିଭାବକ ଏହି ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏମକେସିଜିର ଡାକ୍ତରୀ ଛାତ୍ରଙ୍କ ପାଇଁ ଥିବା ପୁରୁଷ ହଷ୍ଟେଲର ଗୋଟିଏ କୋଠରୀରେ ୪ଜଣ ରହିବା ବ୍ୟବସ୍ଥା ରହିଛି। ତେବେ କିଛିଦିନ ପୂର୍ବେ ହଷ୍ଟେଲର ପ୍ରକୋଷ୍ଠରେ ଆବଶ୍ୟକତା ଠାରୁ ଅଧିକ ଅନ୍ତେବାସୀଙ୍କ ରହଣିକୁ ନେଇ କିଛି ଛାତ୍ରଙ୍କ ମଧ୍ୟରେ ବଚସା ହେବା ପରେ ଏହି ର୍‍ୟାଗିଂ ଅଭିଯୋଗ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ଘଟଣା ସମ୍ପର୍କରେ ଖବର ପାଇ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷ କିଛି ଛାତ୍ରଙ୍କୁ ହଷ୍ଟେଲ କୋଠରୀରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ସେହି ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଆଣ୍ଟି ର୍‍ୟାଗିଂ ସେଲରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ବିଭିନ୍ନ ପ୍ରକାର ଇଙ୍ଗିତ କରି ଭିନ୍ନ ଭିନ୍ନ ନାମରେ ସମ୍ବୋଧନ କରାଯାଉଥିବାରୁ ସେମାନେ ର୍‍ୟାଗିଂର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଏମକେସିଜି ଡିନ୍ ପ୍ରଫେସର ଡ଼ା ସନ୍ତୋଷ କୁମାର ମିଶ୍ରଙ୍କୁ ପଚରାଯିବାରେ ସେ କହିଛନ୍ତି, ହଷ୍ଟେଲରେ ପାଟିତୁଣ୍ଡ ଖବର ପାଇ ସେ ହଷ୍ଟେଲ ପରିଦର୍ଶନରେ ଯାଇଥିଲେ। ତେବେ କୌଣସି ଛାତ୍ରଙ୍କ ପକ୍ଷରୁ ସେଭଳି କିଛି ଅଭିଯୋଗ ଆସିନଥିଲା। ବର୍ତ୍ତମାନ କିନ୍ତୁ କିଛି ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଅଭିଯୋଗ ଆସିଛି। ଏହାର ସତ୍ୟାସତ୍ୟ କଣ ଓ କେତେ ରହିଛି ସେନେଇ ସୋମବାର କାର୍ଯ୍ୟଦିବସରେ ତଦନ୍ତ କରାଯିବ ବୋଲି ପ୍ରଫେସର ମିଶ୍ର କହିଛନ୍ତି।





## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ ସ୍ୱାମୀ ଗିରଫ

**ବୁଗୁଡା,୧୧।୫(ସମିସ):** ବୁଗୁଡା ଥାନା ଅନ୍ତର୍ଗତ ପୋଚାଲୁଣ୍ଡି ଗାଁରେ ଜନୈକା ମହିଳାଙ୍କୁ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ପୁଲିସ ଗିରଫ କରିଛି। ମୃତକ ହେଲେ ଧରିତ୍ରୀ ସାହୁ ଏବଂ ଗିରଫ ବ୍ୟକ୍ତି ଜଣକ ହେଲେ ତାଙ୍କ ସ୍ୱାମୀ ଜିତେନ୍ଦ୍ର ସାହୁ (୨୫) । ଏନେଇ ପୁଲିସ କେସ ନଂ ୩୧୨/୨୪ରେ ଏକ ମାମଲା ରୁଜୁ କରିଛି। ଗତ ଗୁରୁବାର ବିଳମ୍ବିତ ରାତିରେ ଧରିତ୍ରୀ ବିଷପାନ ଯୋଗୁଁ ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମର ଧରିତ୍ରୀଙ୍କ ଅଜା ଅଭି ସ୍ୱାଇଁ ଏହା ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବା ବେଳେ ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପଠାଇବା ସହ ସ୍ୱାମୀ ଜିତେନ୍ଦ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଘଟଣାର ତଦନ୍ତକାରୀ ଅଧିକାରୀ ଦାୟିତ୍ୱରେ ପୁଲିସ ଏସ୍‌ଆଇ ସମୀର କୁମାର ସେଠୀ ରହିଥିବା ଜଣାଯାଇଛି।

## ବିଜେଡିର ଜନ ଆଶୀର୍ବାଦ ସଭା

**ଗଞ୍ଜାମ,୧୦।୫(ସମିସ):** ଗଞ୍ଜାମ ସହର ବଡବଜାରରେ ବିଜୁ ଜନତା ଦଳ ପକ୍ଷରୁ ଜନ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୁଦାମ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ ମଞ୍ଚାସିନ ହୋଇ ବିଜେଡି ସପକ୍ଷରେ ଯୋଡି ଶଙ୍ଖରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ କହିଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନାରାୟଣ ଜେନା, ଗଞ୍ଜାମ ମହାବିଦ୍ୟାଳୟ ପୂର୍ବତନ ସଭାପତି ତଥା ପୂର୍ବତନ ପରିଚାଳନା କମିଟି ସଭ୍ୟ ବେନୁ ଦାଶ, ଶ୍ରମିକ ନେତା ଶଙ୍କର ଦାଶ, ନୀଳମାଧବ ବେହେରା, ସୁଧିର ପାଢ଼ୀ, ରାକେଶ ରଞ୍ଜନ ଦାସ, ରଙ୍ଗନାଥ ପଲାଇ, ଗୌରୀ ଶଙ୍କର ବାରିକି, ନବକୃଷ୍ଣ ପଣ୍ଡା, ସୁରେନ୍ଦ୍ର ବାରିକି, ନୀଳାଞ୍ଚଳ ବାରିକି, ସୁଜାତା ମହାନ୍ତି, ସଂଯୁକ୍ତା ଦାଶ, ସବିତା ବେହେରା, ମହାଲକ୍ଷ୍ମୀ ନାୟକ, ପୁରୁଷୋତ୍ତମ ସାହୁ, ପି. ଚନ୍ଦ୍ରଶେଖର, ଶିବ ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ମଞ୍ଚାସିନ ହେବା ସହ ବିଜେପି ଉପରେ ବର୍ଷିଥିଲେ। ରମେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।






**Format C-1**

(for candidate to publish in Newspapers, TV)

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India &Anr.)

Name and address of candidate: **Srikanta Sahu, At/Po: Hatiota, Via-Balipadar, PS-Kabisuryanagar, District-Ganjam, Pin-761117, Odisha**

Name of political party: **Biju Janata Dal**

(Independent candidates should write "Independent" here)

Name of Election: ODISHA LEGISLATIVE ASSEMBLY ELECTION

*Name of Constituency: **Polasara**

I **Srikanta Sahu** (name of candidate), a candidate for the abovementioned election, declare for public information the following details about my criminal antecedents:

(A) Pending criminal cases

| SL NO. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | JMFC Court Kabisuryanagar | GR-332/2010 | charges were framed on dated 01.08.2011 | 294 IPC- obscene acts and songs<br>506 IPC- criminal intimidation<br>34 IPC- common intention |
| 2 | SDJM Court Bhubaneswar | CT1144/2023 | charges have not been framed | 294 IPC- obscene acts and songs<br>506 IPC- criminal intimidation<br>341 IPC- Wrongful restraint |
| 3 | Not Applicable | Not Applicable | Not Applicable | Not Applicable |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

Sd/- Srikanta Sahu

# ସବୁ ଦଳର ପ୍ରଚାର, ଦମ୍ ଦେଖାଇଲା ବିଜେଡି

## ପ୍ରଚାରରେ ଦୁଲୁକୁଛି ଗାଁ ଓ ସହର

**ଭଞ୍ଜନଗର,୧୧।୫(ସମିସ):** ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ରାଜନୈତିକ ଉଷ୍ମତା ସେତିକି ବଢୁଛି। ଚଳିତ ଥର ମଇଦାନରେ ଭଞ୍ଜନଗର ୧୨୩ନଂ ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନରୁ ୮ଜଣ ବିଧାୟକ ପ୍ରାର୍ଥୀ ରହିଛନ୍ତି। ସେଥି ମଧ୍ୟରେ ଆମ ଆଦମୀ ପାର୍ଟିରୁ କବିରାଜ ବେହେରା, ବିଜେପିରୁ ଦ୍ୱିତୀୟ ଥର ପାଇଁ ପ୍ରଦ୍ୟୁମ୍ନ କୁମାର ନାୟକ, ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଶାନ୍ତ କୁମାର ବିଷୋୟୀ, ବିଜେଡ଼ିରୁ ୭ମ ଥର ପାଇଁ ବିକ୍ରମ କେଶରୀ ଆରୁଖ, କମ୍ୟୁନିଷ୍ଟ ପାର୍ଟିରୁ ଟୁନା ମଲିକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ରାଜୁ ନାୟକ, ସ୍ୱାଧୀନ ପ୍ରାର୍ଥୀ ୨ଜଣଙ୍କ ମଧ୍ୟରେ ଜଣେ ମହିଳା ସୁନିତା ବେହେରା ଓ ଅନ୍ୟଜଣେ ପଞ୍ଚାନନ ଦାସ ରହିଛନ୍ତି। ସ୍ୱାଧୀନ ପ୍ରାର୍ଥୀଙ୍କ ଅପେକ୍ଷା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ନିର୍ବାଚନରେ ଏଥର ଭଲ ପ୍ରଦର୍ଶନ କରି ବିଜୟ ଲାଭ କରିବା ପାଇଁ ଆଶାବାଦୀ ଅଛନ୍ତି। ହେଲେ ଭୋଟର ମାନେ କାହାକୁ ନିଜର ମୂଲ୍ୟବାନ ଭୋଟ



ଦେଇ ଜୟଯୁକ୍ତ କରିବେ ତାହା ଆଗକୁ ସମୟ କହିବ। ବର୍ତ୍ତମାନ ଭଞ୍ଜନଗର ସହର ଓ ଗ୍ରାମାଞ୍ଚଳରେ ପ୍ରଚାର ଜୋର ଧରିଛି। ବିଜେଡି ପ୍ରାର୍ଥୀ ଶ୍ରୀ ଆରୁଖ ଶନିବାର ବାଉଁଶଲୁଣ୍ଡି ପଞ୍ଚାୟତର ଗାମୁଣ୍ଡି, ଭାଲିଆ ଖାଇ, ମୁଦୁଲି ପଲି, ଜିଲୁଣ୍ଡି, ଢୁମା କୁମ୍ଭା, ବାହାଡ଼ା ପଦର, ସାନ କୋଦଣ୍ଡା, ବଡ଼ କୋଦଣ୍ଡାରେ ରୋଡ଼ ସୋ କରିବା ସହ ପଥପ୍ରାନ୍ତ ସଭାରେ ଯୋଗ ଦେଇ ରାଜ୍ୟର ବିକାଶ ଓ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ବିଜେଡି ଉପଯୁକ୍ତ ଦଳ ତେଣୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ସେହିପରି ଭଞ୍ଜନଗର ଏନଏସିରେ ଅଧ୍ୟକ୍ଷ ଗୋବବନ୍ଧୁ ମହାପାତ୍ର, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ସୁଧୀର ରଞ୍ଜନ ବେହେରା, ଚିଦାନନ୍ଦ ସ୍ୱାଇଁ, ସୁଜ୍ଞାନୀ ଗୌଡ଼, ଦୁସ୍ମିନା ପଟ୍ଟନାୟକଙ୍କ ସମେତ ଅନ୍ୟ କାଉନସିଲର ଓ କର୍ମୀମାନେ ସକାଳେ ଏବଂ ସନ୍ଧ୍ୟାରେ ବିଭିନ୍ନ ୱାର୍ଡରେ ପ୍ରଚାର ଗାଡ଼ି ବୁଲିବା ସହ ଦଳୀୟ ପତାକା, ପୋଷ୍ଟର, ବ୍ୟାନର ମାରି ବିଜେଡି ସପକ୍ଷରେ ଭୋଟ ଦେବାକୁ ନିବେଦନ କରୁଛନ୍ତି। ବିଜେପି ପକ୍ଷରୁ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ଯୁବ ନେତା ଅଯୋଧ୍ୟାନାଥ ମହାପାତ୍ର, ସନ୍ତୋଷ ତିଆଡ଼ି, ନୀଳ ମାଧବ ପାତ୍ର, ମାନସ ଜେନା ଓ ଅନ୍ୟମାନେ ଏଥର ପରିବର୍ତ୍ତନ ଦରକାର ନାରା ଦେଇ ଭଞ୍ଜନଗର ସହର ଓ ଗ୍ରାମାଞ୍ଚଳରେ ପ୍ରଚାର ଚଳାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀ, ନେତା ସୁକାନ୍ତ ଦିଗାଲ, ବିଜୟ ବେହେରା ନିଜ ସମର୍ଥକଙ୍କ ସହ ବୁଲି କଂଗ୍ରେସର ଆଭିମୁଖ୍ୟ ଓ ଆଗାମୀ ଦିନରେ ଅଞ୍ଚଳର ପ୍ରଗତିକୁ ନେଇ ଲୋକଙ୍କ ନିକଟରେ ଭୋଟ ଭିକ୍ଷା ଜାରି ରଖିଛନ୍ତି।ଆମ ଆଦମୀ ପାର୍ଟିର କବିରାଜ ବେହେରା ମଧ୍ୟ ନିଜ ସପକ୍ଷରେ ପ୍ରଚାର ଚଳାଇଛନ୍ତି।ନିଜ ପ୍ରାର୍ଥୀଙ୍କ ପ୍ରଚାରରେ ଯୁବ ଗୋଷ୍ଠୀ, ପୁରୁଷ ଓ ମହିଳା କର୍ମୀମାନେ ମଧ୍ୟ ଲାଗି ପଡ଼ିଛନ୍ତି। ଅନ୍ୟ ପ୍ରାର୍ଥୀମାନେ ଏମାନଙ୍କ ଠାରୁ ପ୍ରଚାରରେ ବହୁ ପଛରେ ଅଛନ୍ତି। ତେଣୁ ନିର୍ବାଚନର ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ କେଉଁ ପ୍ରାର୍ଥୀଙ୍କ ପ୍ରତି ଜନସାଧାରଣଙ୍କ ଭରସା ରହିଛି।

## ବିଜେଡି ପ୍ରାର୍ଥୀ ଶ୍ରୀକାନ୍ତଙ୍କ ମାରାଥନ୍ ପ୍ରଚାର

**ପୋଲସରା,୧୧।୫(ସମିସ):** ପୋଲସରା ବ୍ଲକର ଆଜି ୪ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳର ପ୍ରଚାର କାର୍ଯ୍ୟ ଜାରୀ ରହିଛି। ବିଜେଡ଼ି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ପ୍ରଥମେ ବେଲଗାଁ ପଞ୍ଚାୟତର ଡିମ୍ବିରିଆ, ମନଶିଳା, ମଧୁସୂଦନପୁର, ବଘାଡି, ବେଲଗାଁ, ଚଞ୍ଚଣିଆ ପଲ୍ଲୀ, ମଧୁପଲ୍ଲୀ ପଞ୍ଚାୟତର ଜିଲୁଣ୍ଡା, ହୀରାପଲ୍ଲୀ, ମଧୁପଲ୍ଲୀ, ବୁଢ଼େଇଶୁଣି ପଞ୍ଚାୟତର ଲକ୍ଷ୍ମଣପଲ୍ଲୀ, ନୀମିନା ପଞ୍ଚାୟତର ସାନବରଗାଁ, ବିଲେଇଝୁରି ଓ ନୀମିନା ଗ୍ରାମରେ ପ୍ରଚାର କରିଥିଲେ । ଏହା ସହିତ ପୋଲସରା ବ୍ଲକର ସମସ୍ତ ଗ୍ରାମରେ ବିଜୁ ଜନତା ଦଳ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସମସ୍ତ ଗ୍ରାମରେ ଆୟୋଜିତ ପଥପ୍ରାନ୍ତ ସଭାରେ ଯୋଗଦେଇ ବିରୋଧୀଙ୍କୁ କଟାକ୍ଷ କରିବା ସହ ଭୋଟ ଭିକ୍ଷା କରିଥିଲେ। ପୋଲସରା ନିର୍ବାଚନ ମଣ୍ଡଳୀକୁ ଏକ ଉନ୍ନତ ନିର୍ବାଚନ ମଣ୍ଡଳୀରେ ପରିଣତ କରିବାକୁ ଆମେ ସଂକଳ୍ପ ବଦ୍ଧ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡ଼ି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ପ୍ରତିନିଧି ଘନଶ୍ୟାମ ଦାସ, ବିକ୍ରମ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା, ସରପଞ୍ଚ ମନୋଜ କୁମାର ପ୍ରଧାନ, ବସନ୍ତ କୁମାର



କରଣ, ମନୋଜ କୁମାର ପରିଡ଼ା, ମାମା ସାହୁ, ମହିଳା ସଭାନେତ୍ରୀ ସଂଯୁକ୍ତା ବାଡ଼ତ୍ୟା, କବିତା ସାହୁ, କନକ ରାଉତ, ଯୁବନେତା ସିଲୁ ଦଳେଇ, ସନ୍ତୋଷ କୁମାର ପାତ୍ର, ତାପସ କୁମାର ସାହୁ, ଲଡୁ କିଶୋର ସାହୁ, ମୁକୁଲ ପ୍ରଧାନ, ନିର୍ବାଚନମଣ୍ଡଳୀ ଯୁବ ବିଜେଡ଼ି ସଭାପତି ସୁଶାନ୍ତ କୁମାର ପଲେଇ, ପ୍ରତାପ କୁମାର ପ୍ରଧାନ, ସୁକାନ୍ତ ଭୂୟାଁଙ୍କ ସମେତ ସମସ୍ତ ସରପଞ୍ଚ ସମିତିସଭ୍ୟ, ନିର୍ବାଚିତ ପ୍ରତିନିଧି ଓ ଦଳୀୟ ପଦାଧିକାରୀ ମାନେ ଯୋଗଦେଇଥିଲେ।

## ଅପହଞ୍ଚ ଇଲାକାରେ ଲକ୍ଷ୍ମୀବସ୍ ଚଳାଚଳ

**ପୋଲସରା,୧୧।୫(ସମିସ):** ରାଜ୍ୟ ସରକାରଙ୍କ ବିକାଶ ମୂଳକ ଯୋଜନାର ସଫଳ ରୂପାୟନର ଗ୍ୟାରେଣ୍ଟି ହେଉଛି ଲକ୍ଷ୍ମୀବସ୍। ଗାଁ ଠାରୁ ସହର ଉତ୍ତମ ସଂପର୍କ ଯୋଡ଼ିବାର ନୂତନ ପ୍ରୟାସ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯେଉଁଠି ଯୋଜନାର



ମାଇଲ୍ ଖୁଣ୍ଟ ଅତିକ୍ରମ କରି ଅପହଞ୍ଚ ଇଲାକାରେ ପହଞ୍ଚି ଯାଉଛି ଗୋଟିଏ ପରେ ଗୋଟିଏ ଲକ୍ଷ୍ମୀବସ୍। ଯାହା ଗମନାଗମନର ଭିଡ଼ରେ ଘରୋଇ ବସ୍‌ଙ୍କ ତୁଳନାରେ ମାତ୍ର ୫ ଟଙ୍କାରେ ଲକ୍ଷ୍ମୀବସ୍‌ର ଏହି ସୁବିଧା ସୁଯୋଗର ଗ୍ୟାରେଣ୍ଟି ଦେଇଛି। ଏପରିକି ପ୍ରତ୍ୟେକଟି ଯାତ୍ରୀଙ୍କ ଯାତ୍ରାକୁ ଆଜି ସହଜ ଓ ସୁଗମ କରି ପାରିଛି। ଜୀବନ ଯାତ୍ରାର ଏହି ଭିଡ଼ରେ ଲକ୍ଷ୍ମୀବସ୍ ଭଳି ଯୋଜନାର ଶୁଭାରମ୍ଭ ସତେଯେମିତି ସାଧାରଣ ଲୋକଙ୍କ ମୁହଁରେ ହସ ଫୁଟାଇବା ସହ ଘରୋଇ ବସ୍‌ଙ୍କ ମହଙ୍ଗା ବସ୍ ଭଡ଼ାରୁ ସମସ୍ତ ଯାତ୍ରୀଙ୍କୁ ବହୁ ଆଶ୍ୱସ୍ତି ମିଳିଛି। ଯାହା ଗଞ୍ଜାମ ଜିଲ୍ଲାର ପୋଲସରା ସହରର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଜୀବିକା ଉପରେ ଭଲ ପ୍ରଭାବ ପକାଇଛି। ପୋଲସରା ବ୍ଲକ୍ ହେଡ଼କ୍ୱାର୍ଟରରୁ ୪ଟି ଲକ୍ଷ୍ମୀ ବସ୍ ପଡ଼ିଛି। ସେହି ମଧ୍ୟରେ ବ୍ଲକ ହେଡ଼କ୍ୱାଟରୁ ବେଲଗାଁ ଛକ, ଚିରିକିପଡା, ପାଣ୍ଡିରିପଡା ଦେଇ ସିଂହାସନୀ ମନ୍ଦିର ସ୍ଥିତ କଷିପଡାକୁ ସଂଯୋଗ କରାଯାଇଛି। ସେହିପରି ବ୍ଲକ ହେଡ଼କ୍ୱାଟରୁ ବନ୍ଧପଲ୍ଲୀ ଗାଁ ଦେଇ ମଥୁରା, ଜାଗିଲି ଡେଙ୍ଗାପଦର, ମର୍ଦ୍ଦରାଜପୁର ଯାଉଥିବା ବେଳେ କଳମ୍ବ ଜକର ଦେଇ ବାଲିଛାଇ, ଘୋଡ଼ାପଲାଣ ଯାଉଛି। ଏପରିକି ବୁଢେଇଶୁଣୀ ସଡ଼କ, ତୁଙ୍କାପଡା ଦେଇ କେନ୍ଦୁବାଡି ଓ କଣଛାଇ ରୁଟ୍ ଦେଇ ଚଳାଚଳ କରୁଅଛି। ଗମନାଗମନ ସୁବିଧା ସହ ବ୍ୟବସାୟିକ ଆର୍ଥିକ ପରିସ୍ଥିତିକୁ ମଧ୍ୟ ସୁଦୃଢ଼ କରିଛି ଏହି ଲକ୍ଷ୍ମୀବସ୍। କଲେଜ ପଢୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକଟି ମହିଳା ପୁରୁଷ ଏହି ଲକ୍ଷ୍ମୀବସ୍‌ର ବାଟକୁ ଚାହିଁ ବସିଥାନ୍ତି । ଯାହା ଆଜି ସେହି ଅପେକ୍ଷାର ଅନ୍ତ ଘଟିଛି। ବିକାଶର ଫର୍ଦ୍ଦରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇ ଅପହଞ୍ଚ ଇଲାକାରେ ଆଜି ଶହଶହ ଲକ୍ଷ୍ମୀବସ୍ ଗଡୁଛି।

## ବିଜେଡିରେ ସାମିଲ ହେଲେ ବହୁ ପରିବାର



**ଧରାକୋଟ,୧୧।୫(ସମିସ):** ଧରାକୋଟ ବ୍ଲକର ମଛାକୋଟ ପଞ୍ଚାୟତର କରାତଳି ଗାଁର କଂଗ୍ରେସ ଦଳର ପୂର୍ବତନ ୱାର୍ଡ ମେମ୍ବର ତାରିଣୀ ନାୟକ, ନିରଞ୍ଜନ ନାୟକ, ଅଭିମନ୍ୟୁ ନାୟକ, ବିନାୟକ ନାୟକ, ବିଧାନ ନାୟକ, ବିପ୍ର ଚରଣ ଦଳେଇ, ମୁରଲୀଧର ପାତ୍ରଙ୍କ ସମେତ ବହୁ ଲୋକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଳବନ୍ତ୍ ସିଂହଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯିବା ସହ ଏହା ଦ୍ୱାରା ଦଳ ଆହୁରି ଅଧିକ ସୁଦୃଢ଼ ଓ ମଜବୁତ ହେଲା ବୋଲି ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ କହିଛନ୍ତି।

## ନିର୍ବାଚନ ପାଇଁ ଯାଞ୍ଚ୍ କଡ଼ାକଡ଼ି

**ଧରାକୋଟ,୧୧।୫(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ ଓ ଲୋକଙ୍କୁ ପ୍ରଲୋଭନ ମୁକ୍ତ କରିବା ପାଇଁ ପୁଲିସ ପକ୍ଷରୁ ଧରାକୋଟ ଅଞ୍ଚଳରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ବାହାନ ଚେକିଂକୁ କଡା କଡ଼ି କରାଯାଇଛି । ଧରାକୋଟ ଅଞ୍ଚଳର ତାଳ ପାଟଣା ଛକ, ଢ଼ଉଗାଁ ଛକ, ବାହାଡା



ଗୁଡା ଛକ, ମାଣିକ୍ୟପୁର ଓ ପଦ୍ମପୁର ଛକରେ ପୁଲିସ ପକ୍ଷରୁ ଯାନବାହାନ ତନଖି କରାଯାଉଛି। ଆଦର୍ଶ ଆଚରଣ ବିଧିର ସଠିକ ଭାବରେ ପାଳନ ପାଇଁ ପୁଲିସ ତରଫରୁ ଗାଡ଼ି ଚଳାଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଲୋକଙ୍କୁ ପ୍ରଲୋଭିତ ପାଇଁ ବଣ୍ଟନ ହେବାକୁ ଥିବା ଟଙ୍କା, ମଦ, ଲୁଗାପଟା ସହ ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀର ତନଖି ନିଆ ଯାଉଛି। ଏହି ସ୍ୱତନ୍ତ୍ର ଡ୍ରାଇଭ କାର୍ଯ୍ୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିଏଓ ବିଶ୍ୱନାଥ ବେହେରା, କନଷ୍ଟେବଲ ସତ୍ୟନାରାୟଣ ବେହେରା, ସମୀର ଜେନା ଓ ରାଜ କିଶୋର ସାହୁ ପ୍ରମୁଖ ସାମିଲ ରହିଛନ୍ତି।

## ବିଜେଡିର ଦମ୍‌ଦାର ପ୍ରଚାର

**ରମ୍ଭା,୧୧।୫(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶନିବାର ସଂଧ୍ୟାରେ ଶେଷ ହୋଇଛି। ବ୍ରହ୍ମପୁର ଲୋକସଭା ଓ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡିର ପ୍ରଚାର ଅବସରରେ ନଗର ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ରୋଡ଼ ସୋ ଅନୁଷ୍ଠିତ ହୋଇଯାଇଛି।



ନିର୍ବାଚନ ପ୍ରଚାର ଅବସରରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର, ଛତ୍ରପୁର ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା, ସିନେ ତାରକା ଜ୍ୟୋତି, ସିନେ ଅଭିନେତ୍ରୀ ଦିବ୍ୟା ଏକ ଖୋଲା ଜିପରେ ସମର୍ଥକଙ୍କୁ ଧରି ଭୋଟ ଭିକ୍ଷା କରିଥିଲେ। ବିରୋଧୀ ପକ୍ଷ ପର୍ଯ୍ୟଟକ ଭଳି ଆସିବେ ଓ ଦୁଃଖ ସୁଖରେ ଭାଗିଦାର ହେବା ପାଇଁ ନାମ ଧରିବେ ନାହିଁ ବୋଲି ବକ୍ତବ୍ୟ ଥୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପ୍ରଶାନ୍ତ କର, ରମ୍ଭା ଏନଏସିର ପୂର୍ବତନ ନଗରପାଳ ବିଜୟ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ସୁରେଶ ଚନ୍ଦ୍ର ନାହାକ, ଗଞ୍ଜାମ ଜିଲ୍ଲା ମହିଳା ସଭାନେତ୍ରୀ ସୌଦାମିନି ବିଶ୍ୱାଳ, ସୋନିଆ ଦେବୀ, ମହିଳା ସଭାନେତ୍ରୀ ରଶ୍ମିତା ପାତ୍ର, ଯୁବସଭାପତି ଜଗନ ପରିଡା, ସ୍ୱାଧୀନ କୁମାର ପଣ୍ଡା, ଛାତ୍ର ସଭାପତି (ରମ୍ଭା) କମଲ ଗୌଡ଼, ସୁବାସ ବେଜ, କାଉନସିଲର ସମରସେନ ପଣ୍ଡା ଓ ସାଗର ନାହାକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ନ୍ୟାୟ ସରପଞ୍ଚ, ୱାର୍ଡ ମେମ୍ବର, କାଉନସିଲର, ଜିଲ୍ଲା ପରିଷଦ ସଭ୍ୟ ସମେତ ଦଳୀୟ ବିଭିନ୍ନ ପଦପଦବୀଧାରୀ, କର୍ମୀ, ସମର୍ଥକ ବିପୁଳ ସଂଖ୍ୟାରେ ପ୍ରଚାରରେ ସାମିଲ ହୋଇଥିଲେ।

## ନବୀନ ବାବୁଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା ଗଠନ ହେବ: ଲତିକା

**କବିସୂର୍ଯ୍ୟନଗର,୧୧।୫(ସମିସ):** ନବୀନ ବାବୁଙ୍କ ନେତୃତ୍ୱରେ ସମୃଦ୍ଧ ଓ ସଶକ୍ତ ଓଡିଶା ଗଠନ ନିମନ୍ତେ ବିଜେଡି ସଂକଳ୍ପ ନେଇଛି ବୋଲି ବିଧାୟିକା ପ୍ରାର୍ଥିନୀ ଲତିକା ସ୍ପଷ୍ଟ କରିଛନ୍ତି। କବିସୂର୍ଯ୍ୟନଗର ବିଜେଡି ପକ୍ଷରୁ ଇସ୍ତାହାର ସଂପର୍କରେ ସୂଚନା ଦେଇ କହିଥିଲେ ଯେ ଲୋକଙ୍କ ମତ ଅନୁସାରେ ଦଳ ନିର୍ବାଚନ ଇସ୍ତାହାର ପ୍ରକାଶ କରିଛି। ଶୁକ୍ରବାର ସନ୍ଧ୍ୟାରେ ତୋଫାନୀ ପ୍ରଚାରରେ ବାହାରି ଗଙ୍ଗାପୁର, ଗୁଡ଼ିଆଳି, ଜରଡ଼ ପଞ୍ଚାୟତ



ବୁଲି ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ କବିସୂର୍ଯ୍ୟନଗର ଏନଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରମୋଦ ପଣ୍ଡା, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ ଓ ସମିତିସଭ୍ୟ ରାଜେଶ କୁମାର ତ୍ରିପାଠୀ, ସୁନୀଲ କୁମାର ପୋଲାଇ, ବ୍ରଜେନ୍ଦ୍ର ପ୍ରଧାନ, ଆଦିତ୍ୟ କୁମାର ତ୍ରିପାଠୀ, ଯଜ୍ଞପ୍ରସାଦ ପଣ୍ଡା, ରସଲ ଦାସ, ରାକେଶ ପ୍ରଧାନ, ଭଗବାନ ସ୍ୱାଇଁ, ପ୍ରଦୀପ ଗୌଡ଼, ସୁରଜ ରେଡିଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଜନପ୍ରତିନିଧି ସାମିଲ ହୋଇଥିଲେ।

## ବିଧାୟିକା ଓ ସାଂସଦ ପ୍ରାର୍ଥିନୀଙ୍କ ପ୍ରଚାର

**ଖଲ୍ଲିକୋଟ,୧୧।୫(ସମିସ):** ଭୋଟ ଗ୍ରହଣ ଦିନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳର ପ୍ରାର୍ଥୀ ମାନେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ଓ ବିଜେପି ନିର୍ବାଚନ ପ୍ରଚାରରେ ଆଗୁଆ ଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କୁ ଖଲ୍ଲିକୋଟରେ ଦେଖିବାକୁ ମିଳୁନି। ବିଜେଡି ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣୀ ବୈଦ୍ୟ ଓ ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଶନିବାର ମିଳିତ ଭାବେ ଖଲ୍ଲିକୋଟ ବ୍ଲକ ୧୨ ନମ୍ବର ଜିଲ୍ଲା ପରିଷଦ ଜୋନରେ ଦମଦାର ପ୍ରଚାର କରିଛନ୍ତି। ଉଭୟ ପ୍ରାର୍ଥିନୀ ୧୨ ନମ୍ବର ଜୋନର ମଥୁରା, କଞ୍ଚଣା, ନାଇକାଣିପଲ୍ଲୀ, ତାଳପଡା,



ବିଏନପୁର, ଦାନପୁର, କୋମଣ୍ଡ, ବାଣିଆ, ଚିକିଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଉଭୟ ପ୍ରାର୍ଥୀଙ୍କ ସହ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ପାଣ୍ଡି, ତୁଳସୀପୁର ସରପଞ୍ଚ ସିକ ପାଣ୍ଡି, ବିଜେଡି ନେତା ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁଙ୍କ ସମେତ ଶତାଧିକ ସମର୍ଥକ ସାମିଲ ହୋଇଥିଲେ।

## କବିସୂର୍ଯ୍ୟନଗରରେ ବିଜେଡିର ମିଶ୍ରଣ ପର୍ବ

**କବିସୂର୍ଯ୍ୟନଗର,୧୧।୫(ସମିସ):** ସ୍ଥାନୀୟ ଗୁଡ଼ିଆଳି ସ୍ଥିତ କଲ୍ୟାଣ ମଣ୍ଡପରେ ବିଜେଡ଼ିର ଏକ ସାଂଗଠନିକ ସଭା ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ ଯୋଗ ଦେଇ ସରକାର ଦେଇଥିବା ନିର୍ବାଚନୀ ଇସ୍ତାହାର ଉପରେ ବିବରଣୀ ରଖିଥିଲେ। ଏହି ସଭାରେ ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ନଗର ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଗଞ୍ଜାମ ଜିଲ୍ଲା କଳାକାର ସଂଘ ସଂଯୋଜକ ବ୍ରଜ ସୁନ୍ଦର ମଲ୍ଲିକ, ଯୁବ ସଭାପତି ରାଜେନ୍ଦ୍ର ଖଟେଇ, ରାକେଶ ପ୍ରଧାନ, ଜଟିଆ ପଲତା, ଦିଲ୍ଲୀପ ସାହୁ, ଭଗବାନ ସାହୁ, ମୁକେଶ ଦାଶ, ଭାଲୁ ଜେନା, ସୂର୍ଯ୍ୟନାରାୟଣ ନାୟକ, ବାବୁ ପାତ୍ର, ପ୍ରଭାତ ପାଣି, ସୁଦର୍ଶନ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ଏହି ସମୟରେ କବିସୂର୍ଯ୍ୟନଗର ବିଜେପିର ପଞ୍ଚାୟତ ଓ ଏନଏସିରୁ ଆସିଥିବା ୫୦ରୁ ନେତା କର୍ମୀମାନେ ବିଜେଡିରେ ଯୋଗଦାନ କରିଥିଲେ। ନିର୍ବାଚନକୁ ଆଉ କିଛିଦିନ ବାକି ଥିଲାବେଳେ କିଛି ବିଜେପିର ଅସନ୍ତୁଷ୍ଟ କର୍ମୀମାନେ ବିଜେଡିରେ ଯୋଗଦାନ କର୍ମୀ





କବିସୂର୍ଯ୍ୟନଗର ନିର୍ବାଚନୀମଣ୍ଡଳୀ ସଭାପତି ରଶଲ ଦାଶ, କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏସ.ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ, ମଧ୍ୟରେ ଉତ୍ସାହ ଭରି ଦେଇଛି ।ଏହା ବିଜେଡି ପାଇଁ ଚଳିତ ନିର୍ବାଚନ ରେ ନିଶ୍ଚିତ ଫାଇଦା ହେବ ବୋଲି ବିଜେଡି ବିଧାୟିକା ପ୍ରାର୍ଥିନି ଲତିକା ପ୍ରଧାନ କହିଛନ୍ତି।

## ସାନଖେମୁଣ୍ଡି : ସୁଲକ୍ଷଣା ଗୀତାଞ୍ଜଳୀଙ୍କୁ ମିଳୁଛି ବିପୁଳ ସମର୍ଥନ

**ସାନଖେମୁଣ୍ଡି,୧୧।୫(ସମିସ):** ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରର ବିଜେଡି ବିଧାୟିକା ପ୍ରାର୍ଥିନୀ ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀଙ୍କ ନିର୍ବାଚନୀ ପ୍ରଚାରରେ ଦିନକୁ ଦିନ ଲୋକଙ୍କ ବିପୁଳ ସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି। ଯେଉଁ ଅଞ୍ଚଳକୁ ଗୀତାଞ୍ଜଳୀ ପ୍ରଚାର ପାଇଁ ଯାଉଛନ୍ତି ସେଠାରେ ବହୁ ମାତ୍ରାରେ ଲୋକେ ସମର୍ଥନ କରୁଛନ୍ତି। ଯେତେବେଳେ ଗୀତାଞ୍ଜଳୀ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଧରାକୋଟ ବ୍ଲକରେ ବ୍ଲକ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିଲେ ସେତେବେଳେ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ ଏହା ସହ ଗୀତାଞ୍ଜଳୀଙ୍କ ମା' ନନ୍ଦିନୀ ଦେବୀ ବିଧାୟିକା ଥିବା ସମୟରେ ଅଞ୍ଚଳରେ ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ଲୋକଙ୍କ ସୁଖ ଦୁଃଖ ରେ ଛିଡ଼ା ହେଉଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ପରଠାରୁ ଆଉ କୌଣସି ନୂତନ ଭାବେ ଉନ୍ନୟନମୂଳକ କାର୍ଯ୍ୟ ହୋଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି କ୍ଷେତ୍ରରେ ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ବିଧାୟକା ହେବା ଜରୁରୀ ବୋଲି ପ୍ରଚାର ବେଳେ ସ୍ଥାନୀୟ ଲୋକେ ମିଶି ନିଜର ସମ୍ପୂର୍ଣ୍ଣ ସମର୍ଥନ



ରହିଥିବା କହିଥିଲେ। ୫୯ନଂ ଜୋନର କୈଳାଶପୁର, ଛଣମେରି, ବାହାଡ଼ାଗୁଡା, ମଣିଦେଇପେଣ୍ଠ, ଦ୍ୱିତୀୟ ଖଣ୍ଡଦେଉଳି, ପଟିଗୁଡା ଦୋଲବ, ସିନ୍ଦୁରପୁର, ବରମୁଣ୍ଡୁଲି, ବ୍ରାହ୍ମଣପଙ୍କ, କେଶପୁର, ରଥପୁର, ସୀତାପଲ୍ଲୀ, ରାମପଲ୍ଲୀ, ମୋହିବିଲ, କଡାପଲ୍ଲୀ, ଢ଼ିମ୍ପିରାପଲ୍ଲୀ, ଦସେଇପୁର, ଟି.ଗୋବିନ୍ଦପୁର ଗ୍ରାମରେ ଦଳର ସମସ୍ତ କର୍ମକର୍ତ୍ତା ସହ ବହୁସଂଖ୍ୟାରେ ମହିଳା ଓ ଜନସାଧାରଣ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମରେ ଦଳ ପକ୍ଷରୁ ବିଧାୟିକା ପ୍ରାର୍ଥିନୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟିକା ପ୍ରାର୍ଥିନୀଙ୍କୁ ବିଧାନସଭା ଓ ଲୋକସଭା ପ୍ରାର୍ଥିନୀଙ୍କୁ ଲୋକସଭାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିଜ ଅଞ୍ଚଳକୁ ବିକଶିତ କରିବା ପାଇଁ ଜନସାଧାରଣଙ୍କୁ ସହଯୋଗ କରିବାପାଇଁ କହି ଭୋଟ ମାଗିଥିଲେ। ଏହି ଅବସରରେ ସାନଖେମୁଣ୍ଡି ବ୍ଲକ ବିଜେଡି ସଭାପତି ଦନାର୍ଦ୍ଦନ ପୋଲାଇ, ସାନଖେମୁଣ୍ଡି ବ୍ଲକ ବିଜେଡି ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ଉପାଧ୍ୟକ୍ଷା ପ୍ରତିନିଧି ସଞ୍ଜୟ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ବିଜୟ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ଗଙ୍ଗା ପାତ୍ର, ପଟିଗୁଡା ସରପଞ୍ଚ ସିମାଞ୍ଚଳ ଗୌଡ଼, ଛଣମେରି ସରପଞ୍ଚ ତପନ ସେଠୀ, ସାନଖେମୁଣ୍ଡି ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବିଜେଡି ବିଧାୟିକା ପ୍ରାର୍ଥିନୀଙ୍କ ପ୍ରଚାର

**ଆସିକା,୧୧।୫(ସମିସ):** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ମାରାଥନ ପ୍ରଚାର କରିଛନ୍ତି। ଏଥିରେ ହଜାର ହଜାର ସମର୍ଥକ ମାନେ ସାମିଲ ହୋଇ କାଳଷଣ୍ଢପୁର ପଞ୍ଚାୟତର ନୂଆ ଗାଁ, ମକୁନ୍ଦପୁର, କାଳଷଣ୍ଢପୁର ଗାଁ ଏବଂ ବର ଗାଁ ପଞ୍ଚାୟତର ବେଣିଆ ଗାଁରେ ପ୍ରଚାର କରିଥିଲେ। କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରାଙ୍କ ସଂଯୋଜନାରେ ସମର୍ଥକ ମାନେ ବିଧାୟିକା ପ୍ରାର୍ଥିନୀଙ୍କୁ ସ୍ୱାଗତ କରିବା ସହ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପ୍ରଚାର ବେଳେ ବରିଷ୍ଠ ବିଜେଡି ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା, ଶିବ ନାହାକ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହରେକୃଷ୍ଣ ମଲିକ, ସମୀର ବେହେରା, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରାଙ୍କ ସମେତ ଯୁବ ଛାତ୍ର ଓ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।



# ଗଜପତି ଜିଲ୍ଲା ୨ ବିଧାନସଭା ଆସନ ପାଇଁ ୫୭୩ ମତଦାନ କେନ୍ଦ୍ର

- ୧୪୪ ବୁଥରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା
- ପାରଳାଖେମୁଣ୍ଡି ୪୫ ଓ ମୋହନାରେ ୪୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ
- ୩୪୪ ମତଦାନ କେନ୍ଦ୍ରର ହେବ ସିଧା ପ୍ରସାରଣ

**ପାରଳାଖେମୁଣ୍ଡି, ୧୧।୫(ସମିସ)**

ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗଜପତି ଜିଲ୍ଲାର ୨ ବିଧାନସଭା ଆସନ ମୋହନା ଓ ପାରଳାଖେମୁଣ୍ଡି ପାଇଁ ୫୭୩ ପୋଲିଂ ଷ୍ଟେସନରେ ମତଦାନ ପାଇଁ ବ୍ୟବସ୍ଥା ହୋଇଛି। ଏଥିମଧ୍ୟରେ ୧୪୪ ମତଦାନ କେନ୍ଦ୍ରରେ ବିଭିନ୍ନ ବର୍ଗଙ୍କ ଲାଗି ବ୍ୟବସ୍ଥା ହୋଇଛି। ମୋହନାରେ ୩୩ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୮୧ କେନ୍ଦ୍ରରେ ବ୍ୟବସ୍ଥା ହୋଇଛି। ମୋହନାରେ ଭିନ୍ନକ୍ଷମଙ୍କ ପାଇଁ ଗୋଟିଏ, ଯୁବ ପରିଚାଳିତ ମଦଦାତା କେନ୍ଦ୍ର ଭାବେ ୫, ଇକୋ ଫ୍ରେଣ୍ଡଲି ମତଦାତା କେନ୍ଦ୍ର ଭାବେ ୫, ଏଥିନିକ ମତଦାତା କେନ୍ଦ୍ର ବାବେ ୨୨ ଏବଂ ପିଭିଟିଜି ମତଦାତା କେନ୍ଦ୍ର ଭାବେ କିଛି ନ ଥିବାର ଜଣାପଡ଼ିଛି। ସେହି ଭଳି ପାରଳାଖେମୁଣ୍ଡି ବିଧାନସଭା ଆସନରେ ସଖୀ ମତଦାନ କେନ୍ଦ୍ର ଭାବେ ୫୭ରହିଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ଗୋଟିଏ, ଯୁବପରିଚାଳିତ ମଦଦାତା କେନ୍ଦ୍ର ଭାବେ ୫, ଇକୋ ଫ୍ରେଣ୍ଡଲି ମତଦାତା କେନ୍ଦ୍ର ୫, ଏଥିନିକ ମତଦାତା କେନ୍ଦ୍ର ଭାବେ ୧୧ ଏବଂ ପିଭିଟିଜି ମତଦାତା କେନ୍ଦ୍ର ଭାବେ ୨ରେ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାର ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୮୯ ମତଦାତା କେନ୍ଦ୍ର ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ଏଥି ମଧ୍ୟରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ୪୫ ଏବଂ ମୋହନାରେ ୪୪ କେନ୍ଦ୍ର ରହିଛି। ମୋହନାରେ ରାୟଗଡ଼ ବ୍ଲକର ୧୨, ନୂଆଗଡ଼ ବ୍ଲକର ୪, ରା.ଉଦୟଗିରି ବ୍ଲକର ୮ ଏବଂ ମୋହନା ବ୍ଲକରେ ୨୦ ମତଦାନ କେନ୍ଦ୍ର ଚିହ୍ନଟ ହୋଇଥିବା ଜଣାଯାଇଛି। ସେହିପରି ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋଷାଣି ବ୍ଲକର ୨୧, କାଶୀନଗର ବ୍ଲକର ୧୯ ଏବଂ ଗୁମ୍ମା ବ୍ଲକର ୫ ସମ୍ବେଦନଶୀଳ ମତଦାନ କେନ୍ଦ୍ର ଚିହ୍ନଟ ହୋଇଛି। ଚିହ୍ନଟ ସମସ୍ତ ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ବାହିନୀ ଠାରୁ ଆରମ୍ଭ କରି ସିଆରପିଏଫ୍ ବାହିନୀଙ୍କ ସମେତ ସୁରକ୍ଷା କର୍ମଚାରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ତତ୍ତ୍ୱାବଧାନରେ ମୁତୟନ ହେବା ସହ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ସେହିପରି ଉଭୟ ବିଧାନସଭା ଆସନର ୫୭୩ ବୁଥ୍ ମଧ୍ୟରୁ ୩୪୪ ମତଦାନ କେନ୍ଦ୍ରରୁ ସିଧା ପ୍ରସାରଣ ବ୍ୟବସ୍ଥା ହୋଇଛି। ଜିଲ୍ଲା ମୁଖ୍ୟାଳୟରୁ ମତଦାନ ବ୍ୟବସ୍ଥା ସହ ବିଭିନ୍ନ ଗତିବିଧି ଉପରେ ନଜର ରଖାଯିବ।







## ପ୍ରଥମ ଥର ପାଇଁ ନିର୍ବାଚନରେ ନିୟୋଜିତ ହେବେ ଏନ୍‌ସିସି କ୍ୟାଡେଟ୍

**ପାରଳାଖେମୁଣ୍ଡି, ୧୧।୫(ସମିସ):** ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଗଜପତି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ସାଧାରଣ ନିର୍ବାଚନରେ ପ୍ରାପ୍ତ ବୟସ୍କ ଓ ଭିନ୍ନକ୍ଷମ ଭୋଟରଙ୍କୁ ପୋଲିଂ ବୁଥରେ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରଥମ ଥର ପାଇଁ ନିୟୋଜିତ ହେବେ ସିନିୟର ଏନ୍‌ସିସି କ୍ୟାଡେଟ। ଏଥିପାଇଁ ଜିଲ୍ଲାର କାଶୀନଗର ସହରରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ଏବଂ ପାରଳାଖେମୁଣ୍ଡିର ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ୪୪ ଜଣ ଏନ୍‌ସିସି କ୍ୟାଟର ଛାତ୍ରଛାତ୍ରୀ ୨୦ ବୁଥରେ ନିୟୋଜିତ ହେବେ। ସମସ୍ତ କ୍ୟାଡର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ବୁଥରେ ନିୟୋଜିତ କରାଯିବ। ଏଥି ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ପ୍ରଧାନ ଏ ଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଆଗ୍ରହ ଦେଖି ସାମାଜିକ କାର୍ଯ୍ୟ ନିମନ୍ତେ ଆଗଭର ହୋଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି କ୍ୟାଡେଟ। ଏହି ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା କରାଯିବା ସହ ପ୍ରଶଂସାପତ୍ର ପ୍ରଦାନ କରାଯିବ।

### ଦିନକ ପରେ ନିର୍ବାଚନ

## ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ

**ପାରଳାଖେମୁଣ୍ଡି, ୧୧।୫(ସମିସ):** ସାଧାରଣ ନିର୍ବାଚନ ମହାପର୍ବ ଲାଗି ବୁଥ୍ ମୁହାଁ ହେଲେ କର୍ମଚାରୀ। ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ମେ ୧୩ ତାରିଖ ସୋମବାର ଦିନ ଭୋଟ ଗ୍ରହଣ କରାଯିବ। ଏଥିରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। ଏହି ନିର୍ବାଚନ ମହାପର୍ବରେ ଗଜପତି ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫୭୩ ବୁଥରେ ମତଦାନ ପାଇଁ ବ୍ୟବସ୍ଥା ହୋଇଛି। ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇ ସୋମବାର ଦିନ ମତଦାନ ପାଇଁ ପ୍ରସ୍ତୁତି ସରିଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶନିବାର ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ନିର୍ବାଚନ ପରିଚାଳନା କେନ୍ଦ୍ର ଠାରୁ ଇଭିଏମ୍, ଭିଭିପାଟ ସହ ବୁଥସ୍ତରୀୟ ଭୋଟର ତାଲିକା ଏବଂ ଆବଶ୍ୟକୀୟ ଉପକରଣ, ଦସ୍ତାବିଜ ଧରି ବୁଥମହାଁ ହୋଇଛନ୍ତି କର୍ମଚାରୀ। ଉଭୟ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରିଚାଳନା ନିମନ୍ତେ ୪ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଥିବା ଜଣାପଡ଼ିଛି।



ମୋହନା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରସ୍ତୁତ ହୋଇଥିବା ୨୯୭ ବୁଥ୍ ଲାଗି ବୁଥ୍‌ମୁହାଁ ହୋଇଛନ୍ତି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ପୁଲିସ କର୍ମଚାରୀ ଟିମ୍। ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ପ୍ରଶିକ୍ଷଣ ନେଇ କର୍ମଚାରୀମାନେ ବୁଥ୍ ଅଭିମୁଖେ ବାହାରିଛନ୍ତି। ତେବେ ମୋହନା ନିର୍ବାଚନମଣ୍ଡଳୀ ଦୁର୍ଗମାଞ୍ଚଳ ସହ ଜିଲ୍ଲା ସଦର ମହକୁମା ଠାରୁ ଦୂରାନ୍ତ ରହିଥିବାରୁ ଶନିବାର ଠାରୁ ନିର୍ବାଚନ ଟିମ୍ ବାହାରିଛନ୍ତି।

ମୋହନା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨୦୨୪ ପାଇଁ ୨ଲକ୍ଷ ୪୫ହଜାର ୯୧୨ ରହିଥିବା ବେଳେ ଏଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୧୯ ହଜାର ୩୪୦ଜଣ ଏବଂ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୨୬ହଜାର ୫୬୮ ରହିଛନ୍ତି। ସେହିପରି ତୃତୀୟ ଲିଙ୍ଗ ଭୋଟର ମାତ୍ର ୪ ଜଣ ରହିଛନ୍ତି। ପୁରୁଷ ଭୋଟରଙ୍କ ତୁଳନାରେ ୭, ୨୨୮ ମହିଳା ଭୋଟ ଅଧିକ ରହିଛି। ମୋହନା ବିଧାନସଭା ନିର୍ବାଚନମଣ୍ଡଳୀ ୪ ବ୍ଲକ ରାୟଗଡ଼, ନୂଆଗଡ଼, ରା.ଉଦୟଗିରି ଏବଂ ମୋହନାକୁ ନେଇ ଗଠିତ। ମୋଟ ୨୯୭ ବୁଥ ମଧ୍ୟରେ ୪୪ ବୁଥ କ୍ରିଟିକାଲ ପୋଲିଂ ଷ୍ଟେସନ ଭାବେ ଚିହ୍ନଟ ହୋଇଛି। ଏହି ବୁଥରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ଅଧିକ ପୁଲିସ ଫୋର୍ସ ମୁତୟନ ହେବେ ଏବଂ ଏଥି ପ୍ରତି ସ୍ୱତନ୍ତ୍ର ସର୍ଭିଲାନ୍ସ ହୋଇଥିବା ଜଣାଯାଇଛି।

୨୦୨୪ ସାଧାରଣ ନିର୍ବାଚନରେ ଏହି ସଂରକ୍ଷିତ ଆସନ ପାଇଁ ମୋଟ ୭ ଜଣ ବିଭିନ୍ନ ଦଳ ଏବଂ ସ୍ୱାଧିନ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଯଥା ବିଜେଡିର ଅନ୍ତର୍ଯ୍ୟାମୀ ଗମାଙ୍ଗ, କଂଗ୍ରେସର ଦାଶରଥି ଗମାଙ୍ଗ, ବିଜେପିର ପ୍ରଶାନ୍ତ ମଲ୍ଲିକ, ମାନସ ଲୋକ ଶକ୍ତି ଦଳର ଜୋହନ ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ରୁବେନ ମଣ୍ଡଳ, ଦଣ୍ଡାସୀ ଖଣ୍ଡୁଆଳ, ମୋଜେଶ ଦଳବେହେରା।

ସେହିପରି ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ବିଜେଡିର ଇଂ.ରୂପେଶ ପାଣିଗ୍ରାହୀ, କଂଗ୍ରେସର ବିଜୟ କୁମାର ପଟ୍ଟନାୟକ, ବିଜେପିର କେ. ନାରାୟଣ ରାଓ, ମାନସ ଲୋକଶକ୍ତି ଦଳର ପବିତ୍ର ସିଂ, ଆପ୍‌ର ମନୋଜ ବଡନାୟକ, ଫରୱାର୍ଡ ବ୍ଲକର ପି.ମୁରଲୀ କ୍ରିଷ୍ଣା, ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ରାଉତ, ବିକାଶ ଚନ୍ଦ୍ର ସିଂ, ଆମୋଦ କୁମାର ବର୍ଦ୍ଧନ ଏବଂ ବିଦ୍ୟାଧର ମହାଙ୍କୁଡ। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ପାରଳାଖେମୁଣ୍ଡି ପୌରପରିଷଦ ଏବଂ କାଶୀନଗର ଏନ୍‌ଏସି ସମେତ ଗୁମ୍ମା, କାଶୀନଗର ଏବଂ ଗୋଷାଣି ବ୍ଲକ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୧୭ ହଜାର ୫୫୫। ସେଥି ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୭ ହଜାର ୧୧୦ ଓ ମହିଳା ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୦ ହଜାର ୪୨୮ ରହିଛି। ତୃତୀୟ ଲିଙ୍ଗ ଭୋଟର ୧୭ ରହିଛନ୍ତି। ତେବେ ପୁରୁଷ ଭୋଟର ତୁଳନାରେ ମହିଳା ଭୋଟର ୩ହଜାର ୩୧୮ ଅଧିକା ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୨୭୬ ମତଦାନ କେନ୍ଦ୍ରରେ ମତଦାନ ପାଇଁ ବ୍ୟବସ୍ଥା ହୋଇଛି। ମୋଟ ୪୫ କ୍ରିଟିକାଲ ପୋଲିଂ ଷ୍ଟେସନ ଚିହ୍ନଟ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ଏହି କ୍ରିଟିକାଲ ପୋଲିଂ ଷ୍ଟେସନରେ ସ୍ୱତନ୍ତ୍ର ସର୍ଭିଲାନ୍ସରେ ରହିବ ବୋଲି କୁହାଯାଇଛି।

## ୧୧୮ ପେଟି ବିଦେଶୀ ମଦ ଜବତ

**ପାରଳାଖେମୁଣ୍ଡି, ୧୧।୫(ସମିସ):** ସାଧାରଣ ନିର୍ବାଚନର ଠିକ୍ ଦୁଇ ଦିନ ପୂର୍ବରୁ ପାରଳାଖେମୁଣ୍ଡି ପୋଲିସକୁ ବଡ ସଫଳତା ମିଳିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଅବାଧ ମଦ କାରବାରକୁ ରୋକିବା ପାଇଁ ବହୁ ଦିନ ପୂର୍ବରୁ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ତନଖି ଫାଟକରେ ଯାଞ୍ଚ କଡାକଡି କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ପାରଳାଖେମୁଣ୍ଡି ପୁରୁଣା ଫାୟାରଷ୍ଟେସନ ଛକ ଦେଇ ଆନ୍ଧ୍ରର ପୁରୁଣାପାଟଣା ଅଭିମୁଖେ ଏକ ମହିନ୍ଦ୍ରା ବୋଲେରୋ ପିକଅପ୍ ମାଲବାହୀ ଗାଡି ଦ୍ରୁତ ଗତିରେ ଯାଉଥିବା ସମୟରେ ରାସ୍ତାର ମେଡିକାଲ ଛକରେ ପାରଳା ଆଦର୍ଶ ଥାନା ପୁଲିସ ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ତତ୍ତ୍ୱବଧାନରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହ କରି ଗାଡିକୁ ଅଟକାଇଥିଲେ। ଯାଞ୍ଚ ସମୟରେ ବହୁ ପରିମାଣର ବିଦେଶୀ ମଦ ରହିଥିବା ଦେଖାଯାଇଥିଲା। ଏସମ୍ପର୍କରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ସାରୋକୋଟା ଥାନା ଅନ୍ତର୍ଗତ ରାଇୱାଡା ଗ୍ରାମର ଗାଡି ଚାଳକ ବି.ଶଙ୍କର ରାଓ (୨୬)ଙ୍କୁ ଗିରଫ କରାଯିବା ସହ ବିଦେଶୀ ମଦ ବୋଝେଇ ଗାଡିକୁ ଜବତ କରି ଥାନାକୁ ଅଣାଯାଇଛି। ତଦନ୍ତ ବେଳେ ଏହି ମଦ ପାରଳା ସହରର ଗ୍ରୀନପାର୍କ ନାମକ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବିଦେଶୀ ମଦ ଦୋକାନ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବାର ଥାନା ଅଧିକାରୀ ଶ୍ରୀ ଭୂପତି ସୂଚନା ଦେଇଛନ୍ତି।



## ଗଜପତିରେ ଦ୍ୱିତୀୟ ଲୋକ ଅଦାଲତ

**ପାରଳାଖେମୁଣ୍ଡି, ୧୧।୫(ସମିସ):** ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏହି ବର୍ଷର ଦ୍ୱିତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଚିଠି ଅନୁଯାଇ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଗଜପତି ଜିଲ୍ଲା ତଥା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି ବିଭିନ୍ନ କୋର୍ଟ କାର୍ଯ୍ୟ ତଦାରଖ କରିବା ସହ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧିକରଣ ସଚିବ ରବିନାରାୟଣ ବେହେରା ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସବଜଜ୍ ସନ୍ତୋଷ କୁମାର ଅଗ୍ରୱାଲ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସମାମନ୍ତରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁବାଶିଷ ପାଣି ପ୍ରମୁଖ ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ରା.ଉଦୟଗିରି କୋର୍ଟରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସବଜଜ୍ ପୁଣ୍ୟଶ୍ଳୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠୀ, ମୋହନା କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା ଓ କାଶୀନଗର ଗ୍ରାମ୍ୟ ନ୍ୟାୟାଳୟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ଲୋକ ଅଦାଲତରେ ଜିଲ୍ଲା କୋର୍ଟ ଓକିଲ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ବରିଷ୍ଠ ଓକିଲ ବୃନ୍ଦ ଉପସ୍ଥିତ ରହି ବିଭିନ୍ନ କୋର୍ଟରେ ନିଜ ନିଜ ମକଦ୍ଦମାରେ ସହଯୋଗ ପ୍ରଦାନ କରିଥିଲେ। ସମୁଦାୟ ୨୦୯୪ ମାମଲା ବିଚାରକୁ ନିଆଯାଇ ୧୫୫୮ ମାମଲାର ତ୍ୱରିତ ସମାଧାନ କରାଯାଇଥିଲା ଏବଂ ୧୩ଲକ୍ଷ ୨୭ ହଜାର ୮୧୧ ଜରିମାନା ଆଦାୟ କରାଯାଇଥିଲା। ଉପସ୍ଥିତ ବ୍ୟାଙ୍କ ମାନଙ୍କ ତରଫରୁ ମୋଟ ୩୯୦ କେସରୁ ୩୦ର ସମାଧାନ କରାଯାଇ ୬ ଲକ୍ଷ ୭୭ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କୋର୍ଟ ଓ ପ୍ରାଧିକାରଣର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



## ଶେଷ ହେଲା ପ୍ରଚାର, ଭୋଟକୁ ଅପେକ୍ଷା

**ପାରଳାଖେମୁଣ୍ଡି, ୧୧।୫(ସମିସ):** ସାଧାରଣ ନିର୍ବାଚନ ଲାଗି ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୩ ତାରିଖ ସୋମବାର ଦିନ ଭୋଟ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଗଜପତି ଜିଲ୍ଲାର ଦୁଇ ବିଧାନସଭା ଆସନ ମୋହନା ଏବଂ ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ ହେବ। ଏଥିଲାଗି ଶନିବାର ଅପରାହ୍ନ ୫ ଘଣ୍ଟା ସୁଦ୍ଧା ସମସ୍ତ ଦଳ ତଥା ପ୍ରାର୍ଥୀଙ୍କ ପ୍ରଚାର ଶେଷ ହୋଇଛି। ଏପ୍ରିଲ ଶେଷ ସପ୍ତହରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ପ୍ରତ୍ୟାହାର ପରେ ପରେ ଚାଲୁ ରହିଥିବା ପ୍ରଚାର ଶେଷ ହୋଇଛି। ପ୍ରାୟ ୧୭ ଦିନ ଧରି ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ପ୍ରଚାର ଚଳାଇଥିଲେ। ହେଲେ ଏସବୁ ମଧ୍ୟରୁ ବିଜେଡିର ପ୍ରଚାର ଖୁବ ଯୋରସୋରରେ ହୋଇଥିଲା। ଷ୍ଟାର ପ୍ରଚାରକ ଭାବେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଯୋଗ ଦେଇଥିବା ବେଳେ ଓଲିଉଡ୍ ଏବଂ ଟୋଲିଉଡ୍ କଳାକାର ବିଜେଡି ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ପାରଳା ବିଧାୟକ ପ୍ରାର୍ଥୀ ଇଂ. ରୂପେଶ ପାଣିଗ୍ରାହୀଙ୍କ ନିମନ୍ତେ ପ୍ରଚାର କରିଥିଲେ। ଏଥିରେ ପ୍ରବଳ ଜନସମାଗମ ହେବା ସହ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଏବଂ ଦଳୀୟ ନେତୃବୃନ୍ଦ ଯୋଗ ଦେଉଥିଲେ। ଏହି ନିର୍ବାଚନ ମଣ୍ଡଳୀର ୩ ବ୍ଲକ ଏବଂ ଦୁଇ ସହରାଞ୍ଚଳରେ ବିଜେଡିର ଦମଦାର ପ୍ରଚାର ଜାରି ରହିଥିଲା। ଶନିବାର ପ୍ରଚାରର ଶେଷ ଦିବସରେ ହଜାର ହଜାର ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀଙ୍କ ସମେତ ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ତେଲୁଗୁ ସିନେ ଅଭିନେତା ଓ ଅଭିନେତ୍ରୀ ପାରଳା ସହର ପରିକ୍ରମା କରି ପ୍ରଚାର କରିଥିଲେ। ବିଜେପି






ଆଖିଦୃଶିଆ ପ୍ରଚାର କରି ନ ଥିବା ପରିଲିକ୍ଷିତ ହୋଇଛି। ଶେଷ ମୁହୂର୍ତ୍ତରେ ବିଧାୟକ ପ୍ରାର୍ଥୀ କେ.ନାରାୟଣ ରାଓ ଏବଂ ତାଙ୍କ ବହୁ ସମର୍ଥକ ବାଇକ ରାଲି, ରୋଡ ଶୋ କରିଥିବାର ଦେଖିବାକୁ ମିଳିଥିଲା। ଶନିବାର ଶ୍ରୀ ରାଓ ଏବଂ ତାଙ୍କ ବହୁ ସମର୍ଥକ ନଗର ପରିକ୍ରମା କରିଥିଲେ।ଏହି ଦଳ ପକ୍ଷରୁ କୌଣସି ଷ୍ଟାର ପ୍ରଚାରକ କିମ୍ବା ରାଜ୍ୟ ନେତୃବୃନ୍ଦ ପ୍ରଚାରରେ ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ହେଲେ ବିଜେପି ସମର୍ଥକଙ୍କ ସହ ଦୁଇ ଥର ଶକ୍ତି ପ୍ରଦର୍ଶନ ସ୍ୱରୂପ ରାଲି କରିଥିଲା। କଂଗ୍ରେସ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏକ ବିଶାଳ ସମାବେଶ କରିବା ପରେ ନାମାଙ୍କନପତ୍ର ପ୍ରଦାନ ସମୟରେ ପଟୁଆର ବାହାର କରିଥିଲା। ଏହାପରେ ଦଳର ମାଇକ ପ୍ରଚାର ଯାନକୁ ଛାଡିଦେଲେ କୌଣସି ପ୍ରଚାର କରି ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ସ୍ୱାଧୀନ ପ୍ରାର୍ଥୀ ଏବଂ ଅନ୍ୟଦଳର ପ୍ରାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଆମୋଦ କୁମାର ବର୍ଦ୍ଧନ ଓ ସଞ୍ଜୟ କୁମାର ରାଉତ ପ୍ରମୁଖଙ୍କ ପ୍ରଚାର ଜୋର୍ ରେ ଚାଲିଥିଲା। ଫରୱାର୍ଡ ବ୍ଲକର ପି. ମୁରଲୀ କ୍ରିଷ୍ଣା, ଆପ୍ ର ମନୋଜ ବଡନାୟକ, ମାନସ ଲୋକଶକ୍ତି ଦଳର ପବିତ୍ର ସିଂ, ସ୍ୱାଧୀନ ପ୍ରାର୍ଥୀ ବିଦ୍ୟାଧର ମହାଙ୍କୁଡ ଏବଂ ବିକାଶ ଚନ୍ଦ୍ର ସିଂ ପ୍ରମୁଖ ପ୍ରାର୍ଥୀଙ୍କ ପ୍ରଚାର ଶେଷ ଦିବସରେ ଜମିଥିଲା। ଭୋଟ ପ୍ରଚାର ଶେଷ ହୋଇଥିବା ବେଳେ ଏବେ ସମସ୍ତ ପ୍ରାର୍ଥୀ କିପରି ଭୋଟ ହେବ ସେଥିନେଇ ଅପେକ୍ଷା କରିଛନ୍ତି।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ଖଜୁରୀପଡ଼ା, ୧୧।୫(ସମିସ):** ସକାଳେ ଗାଧୋଇ ଫେରିବା ବେଳେ ଜଣେ ବୃଦ୍ଧକୁ ଟାଟା ଏସି ଗାଡ଼ି ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଗୁଡରି ସାହି ଅହିଂସା ବୃଦ୍ଧାଶ୍ରମରେ ଖଜୁରୀପଡ଼ା ନୂଆ ସାହିର ଅଲେଖ ମଲ୍ଲିକ ରହୁଥିଲେ। ଶୁକ୍ରବାର ସକାଳେ ନାଳରେ ଗାଧୋଇ ଫେରିବା ବେଳେ ଫୁଲବାଣୀ ଭୁବନେଶ୍ୱର ରାଜପଥର ଗୁଡ଼ରୀ ସାହିରେ ଟାଟା ଏସି ଗାଡ଼ି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ଏ ନେଇ ମୃତ ଅଲେଖଙ୍କ ପୁଅ ପ୍ରଭାତ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ମାମଲା ରୁଜୁ କରି ତଦନ୍ତ କରାଯାଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

### ପ୍ରସିଦ୍ଧ ନାରାୟଣୀ ଯାତ୍ରା ଆରମ୍ଭ

## ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଦୁଲୁକିଲା ଫୁଲବାଣୀ ସହର







**ଫୁଲବାଣୀ, ୧୧।୫(ସମିସ)**

ପରମ୍ପରା ପ୍ରକାରେ ପବିତ୍ର ଅକ୍ଷୟ ତୃତୀୟ ଦିବସରେ ଆରମ୍ଭ ହୋଇଛି ଫୁଲବାଣୀର ପ୍ରସିଦ୍ଧ ନାରାୟଣୀ ଯାତ୍ରା। ଶୁକ୍ରବାର ସକାଳେ ପାର୍ଶ୍ୱଦେବୀ ମା ବରାଳଦେବୀ, ମା ବ୍ୟାଘ୍ରଦେବୀ, ମା ବ୍ରାହ୍ମଣଦେବୀ ଓ ଗ୍ରାମ୍ୟଦେବୀଙ୍କୁ ପଟୁଆରେ ହାଟପଦା ସ୍ଥିତ ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା। ସନ୍ଧ୍ୟାରେ ଏକ ବିରାଟ ପଟୁଆର ସହିତ ଆତସବାଜି, ବାଜା, ବାଜଣା ବଜାଇ ହଜାର ହଜାର ଭକ୍ତ ଓ ଦର୍ଶକଙ୍କ ସାମିଲ୍ ହୋଇ ମା ନାରାୟଣୀଙ୍କୁ ବରଣ ପାଇଁ ଯାଇଥିଲେ। ପଟୁଆରରେ ଦୁଲିକିଥିଲା ସମଗ୍ର ଫୁଲବାଣୀ। ପଟୁଆରକୁ ଉପଭୋଗ କରିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ହୋଇଥିଲେ। ପଟୁଆର ଯାଇ ବଜାର ସ୍ଥିତ ଦେଶୀ ବେହେରାଙ୍କ ଘରେ ପହଞ୍ଚିବା ପରେ ସେଠାରେ ରୀତିନୀତି ପ୍ରକାରେ ପୂଜାପାଠ କରାଯାଇ ଭକ୍ତ ଓ ଦର୍ଶକ ମା ନାରାୟଣୀ ମନ୍ଦିରକୁ ପଟୁଆରରେ ଯାଇଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରେ ମା କାଳୀଙ୍କ ସହିତ ମା ନାରାୟଣୀ ପଟୁଆରେ ପୁଣିଥରେ ଅସ୍ଥାୟୀ ମପକୁ ଅଣାଯାଇଥିଲା।

ଯାତ୍ରା ପରିଚାଳନା କମିଟିର ସଭାପତି ପି.ସୁଧାଂଶୁ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତି ବିଶେଷ, ବହୁ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସମେତ ସମସ୍ତ ଉପଦେଷ୍ଟା, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପସଭାପତି ସୁଜିତ୍ ବେହେରା, ସାଂସ୍କୃତିକ ସମ୍ପାଦକ ଭି.ଲୋକନାଥ ରାଜୁ, ଅର୍ଥ ସମ୍ପାଦକ କାବୁଲା ସେନାପତିଙ୍କ ସହ ସମସ୍ତ ସହ ସମ୍ପାଦକ, ସମସ୍ତ କାର୍ଯ୍ୟକାରୀ ସଦସ୍ୟଙ୍କ ସମେତ ବିଭିନ୍ନ ବଜାର କମିଟିର କର୍ମକର୍ତ୍ତା, ବିଭିନ୍ନ ସଂଘ ଓ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ ସାମିଲ୍ ହୋଇଥିଲେ। ଶୁକ୍ରବାର ଠାରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧ ନାରାୟଣୀ ଯାତ୍ରା ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ଦେବୀ ବିଭିନ୍ନ ସାହି ପରିଭ୍ରମଣ କରିବା ସହିତ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ।

ପ୍ରକାଶ ଯେ, ପ୍ରତି ଦୁଇ ବର୍ଷ ଅନ୍ତରରେ ଫୁଲବାଣୀ ପ୍ରସିଦ୍ଧ ନାରାୟଣୀ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବର୍ତ୍ତମାନ ତାହା ୨୬ତମ ଯାତ୍ରା ଭାବେ ପାଳନ ହେଉଛି। ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ମା ନାରାୟଣୀ ଠାକୁରାଣୀଙ୍କ ଷଷ୍ଠ ବିଂଶତମ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ ପାଇଁ ପେଞ୍ଜିସାହି ନବୀନ କହଁରଙ୍କ ବଗିଚାରେ ବୃକ୍ଷ ଛେଦନ ଉତ୍ସବ ସହିତ ଯାତ୍ରା ପଡ଼ିଆରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ଯାତ୍ରାକୁ ପରିଚାଳନା କରିବା ପାଇଁ ବିଭିନ୍ନ ସବ୍ କମିଟି ମଧ୍ୟ ଗଠନ କରାଯାଇଛି। ବିଶେଷ କରି ଯାତ୍ରାର ଶେଷ ଦିନ ମାନଙ୍କରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥାଏ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

